# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୧୦ ◆ ସଂଖ୍ୟା- ୦୧ ◆ ଭୁବନେଶ୍ୱର ◆ ସୋମବାର ◆ ଅଗଷ୍ଟ ୨୪ରୁ ଅଗଷ୍ଟ ୩୦, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-10 ◆ Issue-01 ◆ Bhubaneswar ◆ Monday ◆ August 24 to August 30, 2026 ◆ Page-8 ◆ Price Rs.4.00


## ଦଶ ବର୍ଷର ଯାତ୍ରା

# ସତ୍ୟ, ସ୍ୱାଧୀନତା ଓ ନିରପେକ୍ଷତାର ପଥରେ 'ଜାତୀୟ ଚେତନା'

ଦଶ ବର୍ଷ- କ୍ୟାଲେଣ୍ଡରର ପୃଷ୍ଠାରେ ଏହା ହୁଏତ ଏକ ସଂଖ୍ୟା ମାତ୍ର। କିନ୍ତୁ ଏକ ସମ୍ବାଦପତ୍ର ପାଇଁ ଏହି ଦଶ ବର୍ଷ ହେଉଛି ଅନୁଭବ, ସଂଘର୍ଷ, ଚ୍ୟାଲେଞ୍ଜ, ଆତ୍ମସମୀକ୍ଷା ଓ ବିଶ୍ୱାସର ଏକ ଦୀର୍ଘ ଯାତ୍ରା।

ଆଜି ସାପ୍ତାହିକ ଓଡ଼ିଆ ସମ୍ବାଦପତ୍ର 'ଜାତୀୟ ଚେତନା' ତାହାର ପ୍ରକାଶନ ଯାତ୍ରାର ଦଶମ ବର୍ଷରେ ପଦାର୍ପଣ କରିଛି। ଏହା କେବଳ ଏକ ସମ୍ବାଦପତ୍ରର ବାର୍ଷିକୀ ନୁହେଁ; ଏହା ସତ୍ୟକୁ ସାମ୍ନାକୁ ଆଣିବା, ଜନସାଧାରଣଙ୍କ ପ୍ରଶ୍ନକୁ ସ୍ୱର ଦେବା ଏବଂ ଗଣମାଧ୍ୟମର ମୌଳିକ ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରିବାର ଏକ ଦଶବର୍ଷର ପ୍ରତିଶ୍ରୁତି।

ଏହି ଦୀର୍ଘ ଯାତ୍ରାରେ ଆମ ସହ ରହିଥିବା ଅସଂଖ୍ୟ ପାଠକ-ପାଠିକା, ଶୁଭେଚ୍ଛୁ, ସାମ୍ବାଦିକ, ସ୍ତମ୍ଭକାର, ଲେଖକ ଓ ସହଯୋଗୀଙ୍କ ପ୍ରତି 'ଜାତୀୟ ଚେତନା' ପରିବାର ଅନ୍ତରରୁ କୃତଜ୍ଞ। ଆପଣମାନଙ୍କର ବିଶ୍ୱାସ ହିଁ ଆମର ସବୁଠାରୁ ବଡ଼ ପୁଞ୍ଜି। କିନ୍ତୁ ଦଶମ ବର୍ଷର ଏହି ମୁହୂର୍ତ୍ତ କେବଳ ଆତ୍ମପ୍ରଶଂସାର ସମୟ ନୁହେଁ। ବରଂ ନିଜକୁ ପଚାରିବାର ସମୟ- ଆମେ କାହିଁକି ଏହି ଯାତ୍ରା ଆରମ୍ଭ କରିଥିଲୁ ଏବଂ ଆଜି ଆମେ କେଉଁଠି ପହଞ୍ଚିଛୁ ?

ସାମ୍ବାଦିକତା ଆଜି ଏକ ଅତ୍ୟନ୍ତ କଠିନ ସମୟ ଦେଇ ଗତି କରୁଛି। ଖବରର ଗତି ବଢ଼ିଛି, ମାଧ୍ୟମ ବଢ଼ିଛି, ପ୍ରଯୁକ୍ତି ବଦଳିଛି; କିନ୍ତୁ ଏହା ସହିତ ସତ୍ୟକୁ ଚିହ୍ନିବା ଓ ସତ୍ୟକୁ ନିର୍ଭୀକ ଭାବରେ କହିବାର ଦାୟିତ୍ୱ ମଧ୍ୟ ବଢ଼ିଛି।

ଆଜି ସୋସିଆଲ ମିଡିଆରେ ଏକ ମିନିଟ୍‌ରେ ଶହ ଶହ ଖବର ଆସୁଛି। କିନ୍ତୁ ସବୁ ଖବର ସତ୍ୟ ନୁହେଁ। ମତ ଓ ତଥ୍ୟ ମଧ୍ୟରେ ପାର୍ଥକ୍ୟ ଧୀରେ ଧୀରେ ହ୍ରାସ ପାଉଛି। ଖବର ପରିବେଷଣଠାରୁ ଖବରକୁ ପ୍ରଭାବିତ କରିବାର ପ୍ରୟାସ ଯଦି ବଢ଼ିଯାଏ, ତେବେ ଗଣମାଧ୍ୟମର ମୂଳ ଉଦ୍ଦେଶ୍ୟ ହିଁ ବିପନ୍ନ ହୋଇପଡ଼େ।

ଗଣମାଧ୍ୟମ କୌଣସି ଦଳର ମୁଖପତ୍ର ନୁହେଁ। କୌଣସି ସରକାରର ପ୍ରଶଂସା ମଞ୍ଚ ନୁହେଁ, ପୁଣି କୌଣସି ବିରୋଧୀ ଦଳର ପ୍ରଚାର ମଞ୍ଚ ମଧ୍ୟ ନୁହେଁ। ଗଣମାଧ୍ୟମ ହେଉଛି ଜନସାଧାରଣଙ୍କ ପ୍ରଶ୍ନର ଆଇନା।

ସରକାର ଭଲ କାମ କଲେ ତାହାକୁ ପ୍ରଶଂସା କରିବା ମଧ୍ୟ ସାମ୍ବାଦିକତାର ଦାୟିତ୍ୱ। ସରକାର ଭୁଲ କଲେ ପ୍ରଶ୍ନ କରିବା ମଧ୍ୟ ସେହି ଦାୟିତ୍ୱ। ବିରୋଧୀ ଦଳ ଜନସ୍ୱାର୍ଥର ପ୍ରଶ୍ନ ଉଠାଇଲେ ତାହାକୁ ସ୍ଥାନ ଦେବା ଆବଶ୍ୟକ; କିନ୍ତୁ କେବଳ ବିରୋଧ ପାଇଁ ବିରୋଧ କଲେ ତାହାକୁ ମଧ୍ୟ ପ୍ରଶ୍ନ କରିବା ଦରକାର।

ସତ୍ୟର କୌଣସି ଦଳ ନାହିଁ। ଜନସ୍ୱାର୍ଥର କୌଣସି ଦଳୀୟ ରଙ୍ଗ ନାହିଁ।

ଏହି ମୂଲ୍ୟବୋଧକୁ ଆଧାର କରି ହିଁ 'ଜାତୀୟ ଚେତନା' ତାହାର ଦଶ ବର୍ଷର ଯାତ୍ରା କରିଛି।

ଯୁବ ସମାଜର ସ୍ୱର ଓ ଏରଭ-ଏର ପ୍ରଶ୍ନ

ସାମ୍ପ୍ରତିକ ସମୟରେ ଦେଶର ଯୁବ ସମାଜର ଅସନ୍ତୋଷ ମଧ୍ୟ ଆମକୁ ଏକ ବଡ଼ ପ୍ରଶ୍ନ ସାମ୍ନାରେ ଠିଆ କରାଇଛି। ପରୀକ୍ଷାର ସ୍ୱଚ୍ଛତା, ଚାକିରି, ଶିକ୍ଷାର ଗୁଣବତ୍ତା ଓ ସୁଯୋଗର ସମାନତାକୁ ନେଇ ଯୁବପିଢ଼ିର ଅସନ୍ତୋଷ 'Gen-G' ଭଳି ଆନ୍ଦୋଳନରେ ପ୍ରତିଫଳିତ ହୋଇଛି। ଜୁଲାଇରେ ନିଟ୍ ପରୀକ୍ଷାକୁ ନେଇ ଅସନ୍ତୋଷ ଓ ଯୁବ ପ୍ରତିବାଦ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ମଧ୍ୟ ଘଟିଛି।

ଏହି ଘଟଣାକୁ କେବଳ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଭାବେ ଦେଖିଲେ ବିଷୟଟିର ଗଭୀରତା ବୁଝିହେବ ନାହିଁ। ଏହାର ଭିତରେ ଲୁଚିଛି ଏକ ପିଢ଼ିର ପ୍ରଶ୍ନ—'ଆମର ଭବିଷ୍ୟତ କାହା ହାତରେ ?'

ଗଣତନ୍ତ୍ରରେ ଏହି ପ୍ରଶ୍ନ ଉଠିବା ଦରକାର ଏବଂ ଏହି ପ୍ରଶ୍ନକୁ ନିର୍ଭୀକ ଭାବରେ ସମାଜ ସାମ୍ନାରେ ରଖିବା ଗଣମାଧ୍ୟମର ଦାୟିତ୍ୱ।ସରକାର ଓ ବିରୋଧୀ- ଦୁଇ ପକ୍ଷର ଦାୟିତ୍ୱ। ଗଣତନ୍ତ୍ରରେ ସରକାର ଯେତେ ଦାୟିତ୍ୱଶୀଳ ହେବା ଆବଶ୍ୟକ, ବିରୋଧୀ ଦଳ ମଧ୍ୟ ସେତେ ଦାୟିତ୍ୱଶୀଳ ହେବା ଦରକାର। ସରକାରର ସଫଳତାକୁ ସ୍ୱୀକାର କରିବା ଯେପରି ଆବଶ୍ୟକ, ବିଫଳତାକୁ ଚିହ୍ନଟ କରିବା ମଧ୍ୟ ଆବଶ୍ୟକ। ସେହିପରି ବିରୋଧୀ ଦଳର ପ୍ରଶ୍ନକୁ ଅଣଦେଖା କରିବା ଠିକ୍ ନୁହେଁ; ପୁଣି ପ୍ରତ୍ୟେକ ବିରୋଧକୁ ଜନସ୍ୱାର୍ଥର ଆନ୍ଦୋଳନ ବୋଲି ମାନିନେବା ମଧ୍ୟ ଠିକ୍ ନୁହେଁ। ଆଜି ଆବଶ୍ୟକ ବିରୋଧ ପାଇଁ ବିରୋଧ ନୁହେଁ, ପ୍ରଶ୍ନ ପାଇଁ ପ୍ରଶ୍ନ; ଏବଂ ପ୍ରଶଂସା ପାଇଁ ପ୍ରଶଂସା ନୁହେଁ, କାମ ପାଇଁ ପ୍ରଶଂସା।

ଏହି ସନ୍ତୁଳନ ହିଁ ଗଣତନ୍ତ୍ରକୁ ସୁସ୍ଥ ରଖିପାରିବ। ଏବେ ଓଡ଼ିଶାର ଖଣିଜ ସମ୍ପଦ ଓ ଅଧିକାରର ପ୍ରଶ୍ନ। ଦଶମ ବର୍ଷରେ 'ଜାତୀୟ ଚେତନା' ଯେଉଁ ପ୍ରଶ୍ନକୁ ଅଣଦେଖା କରିପାରିବ ନାହିଁ, ସେଥିରେ ଓଡ଼ିଶାର ଖଣିଜ ସମ୍ପଦ ଓ ରାଜସ୍ୱ ଅଧିକାରର ପ୍ରଶ୍ନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ସଂସଦରେ ପାରିତ Mines and Minerals (Development and Regulation) Amendment Bill, 2026 ପରେ ଏହି ପ୍ରଶ୍ନ ଆହୁରି ତୀବ୍ର ହୋଇଛି। ନୂଆ ଆଇନରେ ଖଣିଜ ଅଧିକାର ଓ ଖଣିଜ ଥିବା ଜମି ଉପରେ ରାଜ୍ୟଗୁଡ଼ିକର ନୂଆ କର, ସେସ୍ କିମ୍ବା ଅନ୍ୟ ଲେଭି ଲଗାଇବାର କ୍ଷମତାକୁ କେନ୍ଦ୍ର ନିର୍ଦ୍ଧାରିତ ସର୍ତ୍ତ ସହ ଯୋଡ଼ାଯାଇଛି। ଅଗଷ୍ଟ ୧୭ରେ ରାଷ୍ଟ୍ରପତିଙ୍କ ସମ୍ମତି ପରେ ଏହା ଆଇନରେ ପରିଣତ ହୋଇଛି। କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି- ରାଜ୍ୟଗୁଡ଼ିକର ମୌଳିକ ଅଧିକାର କିମ୍ବା ପୂର୍ବରୁ ଆଦାୟ ହେଉଥିବା ରାଜସ୍ୱ ଛିନି ନିଆଯାଉନାହିଁ; ଖଣିଜ କ୍ଷେତ୍ରରେ ସ୍ଥିରତା ଓ ଏକରୂପତା ଆଣିବା ଏହାର ଉଦ୍ଦେଶ୍ୟ। ସରକାରଙ୍କ ଅନୁସାରେ ଖଣିଜ କ୍ଷେତ୍ରର ମୋଟ କର ଓ statutory paymentsର ପ୍ରାୟ ୯୦ ପ୍ରତିଶତ ରାଜ୍ୟଗୁଡ଼ିକ ପାଉଛନ୍ତି ଏବଂ ଏହି ବ୍ୟବସ୍ଥା ଜାରି ରହିବ। କିନ୍ତୁ ଅନ୍ୟପଟେ ଓଡ଼ିଶାରେ ଏହାକୁ ନେଇ ରାଜସ୍ୱ ଓ ଆର୍ଥିକ ସ୍ୱାୟତ୍ତତା ସମ୍ପର୍କରେ ଗଭୀର ଆଶଙ୍କା ଉଠିଛି। କିଛି ଶିଳ୍ପ ଓ ରାଜ୍ୟସ୍ତରୀୟ ଆକଳନରେ ବାର୍ଷିକ ପ୍ରାୟ ୧୨,୦୦୦ କୋଟି ଟଙ୍କା ଖଣିଜ ସମ୍ପର୍କିତ ରାଜସ୍ୱ ହ୍ରାସ ଓ ପୂର୍ବତନ ବକେୟାରେ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ପ୍ରଭାବ ପଡ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ଆକଳନ ସରକାରୀ ଆକଳନ ନୁହେଁ- ତେଣୁ ଏହାର ସତ୍ୟତା ଓ ପ୍ରକୃତ ଆର୍ଥିକ ପ୍ରଭାବ ନେଇ ନିରପେକ୍ଷ ଆଲୋଚନା ଆବଶ୍ୟକ।

ଏଠାରେ ପ୍ରଶ୍ନ କେବଳ ଟଙ୍କାର ନୁହେଁ। ପ୍ରଶ୍ନ ହେଉଛି- ଓଡ଼ିଶାର ମାଟିରୁ ବାହାରୁଥିବା ଖଣିଜ ସମ୍ପଦର ଲାଭରେ ଓଡ଼ିଶାର ଅଧିକାର କେତେ ରହିବ ?

ଯଦି ଖଣି ଅଛି ଓଡ଼ିଶାରେ, ପରିବେଶର ଭାର ଓଡ଼ିଶା ବୋହିବ, ବିସ୍ଥାପନର ବେଦନା ଓଡ଼ିଶାର ଲୋକ ଭୋଗିବେ, ରାସ୍ତା ଓ ଜଳସମ୍ପଦ ଉପରେ ଚାପ ଓଡ଼ିଶାରେ ପଡ଼ିବ- ତେବେ ଏହାର ଆର୍ଥିକ ଲାଭର ନ୍ୟାୟସଙ୍ଗତ ଅଂଶ ମଧ୍ୟ ଓଡ଼ିଶାର ଲୋକଙ୍କ ପାଖକୁ ଫେରିବା ଦରକାର। ଏହି ପ୍ରଶ୍ନ ଉଠାଇବା କୌଣସି ଦଳ ବିରୋଧୀ ମନୋଭାବ ନୁହେଁ। ଏହା ଓଡ଼ିଶାର ସ୍ୱାର୍ଥର ପ୍ରଶ୍ନ।

ଆମେ କାହା ପକ୍ଷରେ ? 'ଜାତୀୟ ଚେତନା'ର ଉତ୍ତର ସ୍ପଷ୍ଟ- ଆମେ କୌଣସି ବ୍ୟକ୍ତି, ଦଳ କିମ୍ବା ସରକାରର ପକ୍ଷରେ ନୁହେଁ; ଆମେ ସତ୍ୟର ପକ୍ଷରେ, ଜନସ୍ୱାର୍ଥର ପକ୍ଷରେ ଏବଂ ଓଡ଼ିଶାର ନ୍ୟାୟସଙ୍ଗତ ଅଧିକାରର ପକ୍ଷରେ।

ସରକାର ଯଦି ଭଲ କରିବ, ଆମେ କହିବୁ- ଭଲ କରିଛନ୍ତି। ଯଦି ଭୁଲ କରିବ, ଆମେ ପ୍ରଶ୍ନ କରିବୁ। ବିରୋଧୀ ଦଳ ଯଦି ଜନସ୍ୱାର୍ଥରେ ଠିଆ ହେବ, ତାହାକୁ ସ୍ଥାନ ଦେବୁ; ଯଦି ରାଜନୈତିକ ସ୍ୱାର୍ଥରେ ଜନସାଧାରଣଙ୍କୁ ଭ୍ରମିତ କରିବ, ତାହାକୁ ମଧ୍ୟ ପ୍ରଶ୍ନ କରିବୁ। କାରଣ ସାମ୍ବାଦିକତାର ସବୁଠାରୁ ବଡ଼ ଶକ୍ତି ହେଉଛି- କାହାକୁ ଭୟ ନ କରିବା ଏବଂ କାହାର ଚାପରେ ନ ଆସିବା।

ଦଶ ବର୍ଷ ପରେ ପୁଣି ଏକ ସଂକଳ୍ପ। କୋଭିଡ୍‌ର ଭୟାବହ ସମୟ ଆମକୁ ଶିଖାଇଥିଲା- ଅନ୍ଧକାର ସମୟରେ ସୂଚନାର ଆଲୋକ ନିର୍ବାପିତ ହେବା ଉଚିତ ନୁହେଁ। ଆଜି ଆମେ ଅନ୍ୟ ଏକ ଅନ୍ଧକାର ସହ ଲଢୁଛୁ- ଭୁଲ ସୂଚନା, ଅର୍ଦ୍ଧସତ୍ୟ, ସ୍ୱାର୍ଥପ୍ରେରିତ ପ୍ରଚାର, ରାଜନୈତିକ ଧ୍ରୁବୀକରଣ ଓ ନିରବତାର ଚାପ। ଏହି ସମୟରେ ଏକ ସ୍ୱାଧୀନ ଓ ନିରପେକ୍ଷ ସମ୍ବାଦପତ୍ରର ଆବଶ୍ୟକତା ଆହୁରି ବଢ଼ିଛି।

ଦଶ ବର୍ଷର ଯାତ୍ରା ଆମକୁ ଶିଖାଇଛି- ସମ୍ବାଦପତ୍ରର ପ୍ରକୃତ ଶକ୍ତି ତାହାର ପୃଷ୍ଠା ସଂଖ୍ୟାରେ ନୁହେଁ, ତାହାର ପାଠକଙ୍କ ବିଶ୍ୱାସରେ। ସେହି ବିଶ୍ୱାସ ହିଁ ଆମର ସମ୍ପଦ। ତାହାକୁ ହରାଇ ଆମେ ବଡ଼ ହେବାକୁ ଚାହୁଁନାହୁଁ। ସମୟ ବଦଳିବ। ସରକାର ବଦଳିବ। ରାଜନୈତିକ ସମୀକରଣ ବଦଳିବ। ପ୍ରଯୁକ୍ତି ବଦଳିବ। ଖବର ପରିବେଷଣର ମାଧ୍ୟମ ବଦଳିବ। କିନ୍ତୁ ସତ୍ୟ ପ୍ରତି ଆମର ପ୍ରତିବଦ୍ଧତା ବଦଳିବ ନାହିଁ।

ଦଶମ ବର୍ଷରେ 'ଜାତୀୟ ଚେତନା'ର ଏହି ସଂକଳ୍ପ—ଆମେ ନିର୍ଭୀକ ରହିବୁ, ନିରପେକ୍ଷ ରହିବୁ, ଜନସ୍ୱାର୍ଥର ପ୍ରଶ୍ନକୁ ପ୍ରାଥମିକତା ଦେବୁ ଏବଂ ଯେଉଁଠି ଆବଶ୍ୟକ, ସେଠି ପ୍ରଶ୍ନ କରିବାର ସାହସ ଦେଖାଇବୁ। କାରଣ ଆମ ପାଇଁ- 'ଜାତୀୟ ଚେତନା' କେବଳ ଏକ ସମ୍ବାଦପତ୍ରର ନାମ ନୁହେଁ; ଏହା ସଚେତନ ନାଗରିକଙ୍କ ସ୍ୱର। ଏହି ଦଶ ବର୍ଷର ଯାତ୍ରାରେ ଆମ ସହ ଥିବା ପ୍ରତ୍ୟେକ ପାଠକ-ପାଠିକା, ଶୁଭେଚ୍ଛୁ, ସାମ୍ବାଦିକ, ଲେଖକ ଓ ସହଯୋଗୀଙ୍କୁ ଅନ୍ତରରୁ ଧନ୍ୟବାଦ।

ଆପଣଙ୍କ ବିଶ୍ୱାସ ହିଁ ଆମର ଶକ୍ତି।
ଆପଣଙ୍କ ପ୍ରଶ୍ନ ହିଁ ଆମର ପ୍ରେରଣା।
ଆପଣଙ୍କ ସ୍ୱର ହିଁ ଆମର ଚେତନା।

'ଜାତୀୟ ଚେତନା'- ଦଶ ବର୍ଷର ଅନୁଭବ, ସଂଘର୍ଷର ସାହସ ଓ ସତ୍ୟ ପ୍ରତି ଅବିଚଳ ପ୍ରତିବଦ୍ଧତା ସହ ଆଗକୁ...

*ତପନ ବିହାରୀ ଭଞ୍ଜ*
**ସମ୍ପାଦକ**

# ଖୁବଶୀଘ୍ର ଲାଗୁ ହେବ ଡିଜିଟାଲ୍ ପ୍ରେସ୍ କ୍ରିପସନ୍

ଭୁବନେଶ୍ୱର,(ଜା.ପ୍ର): ଦେଶ ସହ ରାଜ୍ୟରେ ଖୁବଶୀଘ୍ର ଲାଗୁ ହେବ ଡିଜିଟାଲ ପ୍ରେସ୍ କ୍ରିପସନ୍। 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ୱାନ୍ ନେସନ, ୱାନ୍ ହେଲ୍ଥ' ଅଭିଯାନ ଆହ୍ୱାନ ପରେ ଏବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଡିଜିଟାଲ ପ୍ରେସକ୍ରିପସନ୍ ନେଇ ପ୍ରସ୍ତୁତି ଆରମ୍ଭ କରିଛି। ଆୟୁଷ୍ମାନ ଭାରତ ଡିଜିଟାଲ ମିଶନରେ 'ଆରୋଗ୍ୟ ସେତୁ ୨.୦'ରେ ଲଞ୍ଚ ହେବ ଏକ ସ୍ୱତନ୍ତ୍ର ଆପ୍। ଯେଉଁଥିରେ ଡାକ୍ତର କେଉଁ ରୋଗୀଙ୍କୁ କେଉଁ ଔଷଧ ଲେଖିଲେ, କେତେ ଦିନ ପାଇଁ ଦେଲେ ତାର ଡିଜିଟାଲ୍ ରେକର୍ଡ ରହିପାରିବ। ବିଶେଷ କରି ଆଣ୍ଟି ବାୟୋଟିକ୍ ପ୍ରେସ କ୍ରାଇବ୍ କରାଯାଉଥିଲେ, ରୋଗୀ କେତେ ଥର ନେଇଛନ୍ତି, ସେତଥ୍ୟ ମିଳିପାରିବ। ଯାହାର ଗୋଟିଏ ଉଦ୍ଦେଶ୍ୟ ରହିବ, ଆବଶ୍ୟକତା ଥିଲେ ଆଣ୍ଟିବାୟୋଟିକ୍, ନହେଲେ ନା। ଜ୍ୱର, ଥଣ୍ଡା କି ସାମାନ୍ୟ ସଂକ୍ରମଣ। ଅନେକ ସମୟରେ ଡାକ୍ତରଙ୍କ ପରାମର୍ଶରେ ତ କେତେବେଳେ ନିଜ ଇଚ୍ଛାରେ ଲୋକ ନେଇ ଥାଆନ୍ତି ଆଣ୍ଟି ବାୟୋଟିକ୍। ଆଗକୁ ଅନାବଶ୍ୟକ ଆଣ୍ଟି ବାୟୋଟିକ୍ ସେବନରୁ ସାଧାରଣ ରୋଗୀଙ୍କୁ ମୁକ୍ତି ମିଳିବ।

ଦେଶରେ ମୋବାଇଲ ସହ ଡିଜିଟାଲ ବ୍ୟବହାର ବଢୁଥିବାରୁ ଏକାସଙ୍ଗେ ଲଞ୍ଚ ହେବ ଡିଜିଟାଲ ପ୍ରେସକ୍ରିପସନ୍। ଯେଉଁଥିରେ ସ୍କାନ ଆଣ୍ଡ ସେୟାର ସୁବିଧା ରହିବ। ଗୋଟିଏ ସ୍କାନରୁ ସବୁ ଜାଣିହେବ। ଫଳରେ ଆବଶ୍ୟକତା ନଥିଲେ ଡାକ୍ତର ରୋଗୀଙ୍କୁ ଆଣ୍ଟିବାୟୋଟିକ୍ ଲେଖିପାରିବେ ନାହିଁ। ସାଧାରଣ ସଂକ୍ରମଣରେ ବି କଡ଼ା ଆଣ୍ଟି ବାୟୋଟିକ୍ ଲେଖାଯାଉଥିବାରୁ ରୋଗୀ ଆର୍ଥିକ ଓ ଶାରୀରିକ ସ୍ତରରେ କ୍ଷତି ସହୁଛନ୍ତି। କମୁଛି ରୋଗ ପ୍ରତିରୋଧକ ଶକ୍ତି। ପୂର୍ବରୁ କାମ କରୁଥିବା ଔଷଧର ପ୍ରଭାବ କମିପାରେ। ସେହିପରି ଗୁରୁତର ସଂକ୍ରମଣର ଚିକିତ୍ସା ଜଟିଳ ହେବା ସହ ଚିକିତ୍ସା ଖର୍ଚ୍ଚ ବି ବଢ଼ିପାରେ। ଡିଜିଟାଲ୍ ପ୍ରେସକ୍ରିପସନ ଦ୍ୱାରା ଚିକିତ୍ସାର ପୁରୁଣା ରେକର୍ଡ ସହଜରେ ମିଳିପାରିବ। ରୋଗୀଙ୍କ ପୂର୍ବ ଚିକିତ୍ସା ଏବଂ ଔଷଧ ଇତିହାସ ଜଣାପଡ଼ିଲେ ପରବର୍ତ୍ତୀ ଚିକିତ୍ସା ନିଷ୍ପତ୍ତି ନେବା ଅଧିକ ସହଜ ହେବ। ଯାହାକୁ ଉଭୟ ରୋଗୀ ଓ ଭେଷଜ ବିଜ୍ଞାନୀ ସ୍ୱାଗତ କରିଛନ୍ତି। ଏହା କେବଳ ସ୍ୱାସ୍ଥ୍ୟସେବାର ଆଧୁନିକୀକରଣ ନୁହେଁ, ବରଂ ଅନାବଶ୍ୟକ ଔଷଧ ସେବନରୁ ରୋଗୀଙ୍କୁ ସୁରକ୍ଷା ଦେବାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବି ହେବ।

ଜାତୀୟ ଚେତନା
JATIYA CHETANA



## କର୍ମଚାରୀ ଅଭାବ ନେଇ ଆର୍‌ଟିଆଇ ତଥ୍ୟ

# ସରକାରୀ ସେବାରେ ୮.୨୩ ଲକ୍ଷ ପଦବୀ ଖାଲି



ଭୋପାଳ,(ଏଜେନ୍ସି): ଦେଶରେ ବେକାରୀ ସମସ୍ୟା ଏବଂ ସରକାରୀ ଚାକିରି ପାଇଁ ଯୁବକଯୁବତୀ ସଂଘର୍ଷ କରୁଥିବା ବେଳେ ଏକ ଚାଞ୍ଚଲ୍ୟକର ସୂଚନା ସାମ୍ନାକୁ ଆସିଛି। ସୂଚନା ଅଧିକାର (ଆରଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ବିଭିନ୍ନ ବେସାମରିକ ବିଭାଗରେ ୮ଲକ୍ଷ ୨୩ ହଜାର ୬୫୬ଟି ମଞ୍ଜୁରପ୍ରାପ୍ତ ପଦବୀ ଖାଲି ପଡ଼ିଛି। ଏହି ତଥ୍ୟରେ ବ୍ୟାଙ୍କ କିମ୍ବା ପବ୍ଲିକ ସେକ୍ଟର ଅଣ୍ଡରଟେକିଂ (ପିଏସ୍‌ୟୁ)ଗୁଡ଼ିକର ଖାଲିପଦ ସାମିଲ ନାହିଁ। ଭୋପାଳ ନୀମଚର ସାମାଜିକ କର୍ମୀ ଚନ୍ଦ୍ରଶେଖର ଗୌରଙ୍କ ଦ୍ୱାରା ଦାଖଲ ଆରଟିଆଇ ଆବେଦନର ଉତ୍ତରରେ ଅର୍ଥ ମନ୍ତ୍ରାଳୟର 'ପେ' ରିସର୍ଚ୍ଚ ୟୁନିଟ୍ ଏହି ତଥ୍ୟ ପ୍ରଦାନ କରିଛି।ସରକାରୀ ତଥ୍ୟ ଅନୁସାରେ, ମୋଟ ୩୯ ଲକ୍ଷ ୨୩ ହଜାର ୨୧୨ଟି ପଦ ଅନୁମୋଦିତ ଥିବା ବେଳେ ୨୦୨୪ ମାର୍ଚ୍ଚ ୧ ତାରିଖ ସୁଦ୍ଧା ୩୦ ଲକ୍ଷ ୯୯ ହଜାର ୫୫୬ ଜଣ କର୍ମଚାରୀ କାର୍ଯ୍ୟରତ ଥିଲେ। ଅର୍ଥାତ୍ ଅନୁମୋଦିତ ପଦର ପ୍ରାୟ ୨୧ ପ୍ରତିଶତ ଖାଲି ରହିଛି।

ଖାଲି ପଦର ସବୁଠୁ ବଡ଼ ଅଂଶ ରହିଛି ପ୍ରତିରକ୍ଷା ମନ୍ତ୍ରଣାଳୟର ସିଭିଲିଆନ୍ ପ୍ରତିଷ୍ଠାନ ଓ ରେଳବାଇରେ। ପ୍ରତିରକ୍ଷାରେ ୫ ଲକ୍ଷ ୫୬ ହଜାର ୨୪୮ଟି ପଦ ଅନୁମୋଦିତ ଥିବା ବେଳେ ୩ ଲକ୍ଷ ୧୪ ହଜାର ୫ ଜଣ କାର୍ଯ୍ୟରତ ଅଛନ୍ତି। ଫଳରେ ୨ ଲକ୍ଷ ୪୨ ହଜାର ୨୪୩ଟି ପଦ ଖାଲି, ଯାହା ପ୍ରାୟ ୪୩.୫ ପ୍ରତିଶତ। ଏଠାରେ ସ୍ପଷ୍ଟ କରିବା ଜରୁରୀ ଯେ ଏହି ସଂଖ୍ୟା କେବଳ ପ୍ରତିରକ୍ଷା ବିଭାଗର ସିଭିଲିଆନ୍ କର୍ମଚାରୀଙ୍କ ପଦ ସମ୍ପର୍କିତ। ସେନା, ନୌସେନା କିମ୍ବା ବାୟୁସେନାର ଖାଲି ପଦ ଏଥିରେ ସାମିଲ ନୁହେଁ।

ସେହିପରି ରେଳବାଇରେ ୧୪ ଲକ୍ଷ ୭୯ ହଜାର ୭୦୧ଟି ପଦ ଅନୁମୋଦିତ ଥିବା ବେଳେ ୧୨ ଲକ୍ଷ ୩୯ ହଜାର ୫୭୬ ଜଣ କାର୍ଯ୍ୟରତ। ଅର୍ଥାତ୍ ୨ ଲକ୍ଷ ୪୦ ହଜାର ୧୨୫ଟି ପଦ ଖାଲି। ମୋଟ୍ ଖାଲି ପଦର ପ୍ରାୟ ୩୦ ପ୍ରତିଶତ କେବଳ ରେଳବାଇରେ ରହିଛି। ଆଭ୍ୟନ୍ତରୀଣ ସୁରକ୍ଷା ଓ ପ୍ରଶାସନ ସହ ଜଡ଼ିତ ଗୃହ ମନ୍ତ୍ରଣାଳୟରେ ୧ ଲକ୍ଷ ୧୦ ହଜାର ୮୮୫ଟି ପଦ ଖାଲି ରହିଛି। ମୋଟ ୧୧ ଲକ୍ଷ ୧୮ ହଜାର ୨୩୩ଟି ଅନୁମୋଦିତ ପଦ ମଧ୍ୟରୁ ୧୦ ଲକ୍ଷ ୭ ହଜାର ୩୪୮ ଜଣ କାର୍ଯ୍ୟରତ ଅଛନ୍ତି। ଡାକ ବିଭାଗରେ ୨ ଲକ୍ଷ ୫୩ ହଜାର ୧୨୪ଟି ପଦ ଅନୁମୋଦିତ ଥିବା ବେଳେ ୧ ଲକ୍ଷ ୯୧ ହଜାର ୫୭୮ ଜଣ କାର୍ଯ୍ୟରତ ଅଛନ୍ତି। ଫଳରେ ୬୧ ହଜାର ୫୪୬ଟି ପଦ ଖାଲି।

ରାଜସ୍ୱ ବିଭାଗରେ ୧ ଲକ୍ଷ ୭୯ ହଜାର ୩୭୪ଟି ପଦ ମଧ୍ୟରୁ ୧ ଲକ୍ଷ ୯ ହଜାର ୭୧୨ ଜଣ କାର୍ଯ୍ୟରତ ଅଛନ୍ତି। ଏଠାରେ ୬୯ ହଜାର ୬୬୨ଟି ପଦ ଖାଲି, ଅର୍ଥାତ୍ ପ୍ରାୟ ୩୯ ପ୍ରତିଶତ ପଦରେ କର୍ମଚାରୀ ନାହାନ୍ତି।


କୃଷି ଓ କୃଷକ କଲ୍ୟାଣ ବିଭାଗରେ ୫,୪୨୦ଟି ଅନୁମୋଦିତ ପଦ ମଧ୍ୟରୁ ୧,୮୫୫ଟି ଖାଲି। ପଶୁପାଳନ ଓ ଦୁଗ୍ଧ ବିଭାଗରେ ୨,୩୯୩ଟି ପଦରୁ ୧,୩୭୮ଟି ଖାଲି, ଅର୍ଥାତ୍ ପ୍ରାୟ ୫୮ ପ୍ରତିଶତ ପଦରେ କେହି ନାହାନ୍ତି। ମତ୍ସ୍ୟ ବିଭାଗରେ ମଧ୍ୟ ୨୦୦ଟି ପଦ ଖାଲି ରହିଛି। ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ୫,୧୨୭ଟି ପଦ ମଧ୍ୟରୁ ୧,୯୫୭ଟି ଖାଲି। ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟରେ ୬,୩୦୨ଟି ପଦ ମଧ୍ୟରୁ ୨,୬୧୮ଟି ଖାଲି, ଯାହା ୪୧ ପ୍ରତିଶତରୁ ଅଧିକ। ଉଚ୍ଚଶିକ୍ଷା ବିଭାଗରେ ୧,୪୧୪ଟି ପଦ ମଧ୍ୟରୁ ୫୨୨ଟି ଖାଲି ଥିବା ବେଳେ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗରେ ୮୭ଟି ପଦ ଖାଲି ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୨୭,୪୨୭ଟି ପଦ ମଧ୍ୟରୁ ୧,୫୮୨ଟି ଖାଲି। ସ୍ୱାସ୍ଥ୍ୟ ଗବେଷଣା ବିଭାଗରେ ୬୨ଟି ଅନୁମୋଦିତ ପଦ ମଧ୍ୟରୁ ମାତ୍ର ୨୮ ଜଣ କାର୍ଯ୍ୟରତ। ଅର୍ଥାତ୍ ୩୪ଟି ପଦ ଖାଲି। ଆୟୁଷ ବିଭାଗରେ ମଧ୍ୟ ୪୩୨ଟି ପଦ ମଧ୍ୟରୁ ୨୩୩ଟି ଖାଲି ରହିଛି। ବୈଜ୍ଞାନିକ ଓ ରଣନୀତିକ ପ୍ରତିଷ୍ଠାନଗୁଡ଼ିକରେ ମଧ୍ୟ ଖାଲି ପଦର ଚିତ୍ର ଛୋଟ ନୁହେଁ। ପରମାଣୁ ଶକ୍ତି ବିଭାଗରେ ୧୦,୨୩୪ଟି, ମହାକାଶ ବିଭାଗରେ ୪,୧୨୬ଟି ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟରେ ୧,୬୮୧ଟି ପଦ ଖାଲି ରହିଛି। ସହର ବିକାଶ ଓ ଜଳସମ୍ପଦ କ୍ଷେତ୍ରରେ ମଧ୍ୟ ମାନବ ସମ୍ବଳ ଅଭାବ ଦେଖାଯାଇଛି। ହାଉସିଂ ଓ ଅର୍ବାନ୍ ଆଫେୟାର୍ସରେ ୪,୫୯୨ଟି ଏବଂ ଜଳସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ବିଭାଗରେ ୩,୧୯୧ଟି ପଦ ଖାଲି ଅଛି।

ଚମକାଇବା ଭଳି ତଥ୍ୟ ହେଉଛି, ଦେଶର ସର୍ବୋଚ୍ଚ ପ୍ରଶାସନିକ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ପଦ ଖାଲି ରହିଛି। ରାଷ୍ଟ୍ରପତି ସଚିବାଳୟରେ ୮୦୩ଟି ଅନୁମୋଦିତ ପଦ ମଧ୍ୟରୁ ୫୧୬ ଜଣ କାର୍ଯ୍ୟରତ, ଫଳରେ ୨୮୭ଟି ପଦ ଖାଲି। ଏହା ମୋଟ ଅନୁମୋଦିତ ପଦର ପ୍ରାୟ ୩୫.୭୪ ପ୍ରତିଶତ। ସେହିପରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୪୪୧ଟି ପଦ ମଧ୍ୟରୁ ୩୧୫ ଜଣ କାର୍ଯ୍ୟରତ, ଅର୍ଥାତ୍ ୧୨୬ଟି ପଦ ଖାଲି। ଏଠାରେ ଖାଲି ପଦର ହାର ୨୮.୫୭ ପ୍ରତିଶତ। ଅର୍ଥାତ୍, ଦେଶର ପ୍ରଶାସନିକ ବ୍ୟବସ୍ଥାର ଶୀର୍ଷସ୍ତରରୁ ଆରମ୍ଭ କରି ରେଳବାଇ, ପ୍ରତିରକ୍ଷା, ଗୃହ, ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବୈଜ୍ଞାନିକ ବିଭାଗ ପର୍ଯ୍ୟନ୍ତ ମାନବ ସମ୍ବଳର ବଡ଼ ଅଭାବ ରହିଛି।

ବିଭାଗ ଅନୁସାରେ ଖାଲି ପଦ ପୂରଣ ହେଲେ ଏକପଟେ ଚାକିରି ଖୋଜୁଥିବା ଯୁବପିଢ଼ିଙ୍କ ପାଇଁ ସୁଯୋଗ ବଢ଼ିବ, ଅନ୍ୟପଟେ ସରକାରୀ କାର୍ଯ୍ୟାଳୟରେ କାମର ଚାପ କମିବା ସହ ପ୍ରଶାସନିକ କାର୍ଯ୍ୟକ୍ଷମତା ବଢ଼ିପାରେ। ତେଣୁ ଏହି ୮.୨୩ ଲକ୍ଷ ଖାଲି ପଦ କେବଳ ଏକ ସଂଖ୍ୟା ନୁହେଁ, ବରଂ ଦେଶର ରୋଜଗାର ଓ ପ୍ରଶାସନ ଉଭୟ ପାଇଁ ଏକ ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି।

## ଇନ୍‌ସାସ୍ ଯୁଗ ଗଲା, ଆସିଲା 'ଏକେ-୨୦୩' ରାଇଫଲ୍

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ପ୍ରଥମ ଶହେ ପ୍ରତିଶତ ସ୍ୱଦେଶୀ ରାଇଫଲ୍ 'ଶେର'। ଇନ୍‌ସାସ୍ ଯୁଗ ଗଲା, ଆସିଲା 'ଏକେ-୨୦୩' ରାଇଫଲ। ଆମେଥିର କୋରୱା ଫ୍ୟାକ୍ଟ୍ରିରେ ଏହି ବନ୍ଧୁକର ସଫଳ ପରୀକ୍ଷଣ ହୋଇଛି। ଇଣ୍ଡୋ-ରୁଷିଆନ୍ ରାଇଫଲ୍ସ ପ୍ରାଇଭେଟ୍ ଲିମିଟେଡ୍(ଆଇଆରଆରପିଏଲ) ଉତ୍ତର ପ୍ରଦେଶର ଆମେଥିସ୍ଥିତ କୋରୱା ଅସ୍ତ୍ରଶସ୍ତ୍ର କାରଖାନାରେ 'ଏକେ-୨୦୩' ଆସଲ୍ଟ




ରାଇଫଲର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ସଂସ୍କରଣ ନିର୍ମାଣ କରିବା ସହ ଏହାର ସଫଳ ପରୀକ୍ଷଣ କରିଛି। 'ଶେର' ନାମରେ ନାମିତ ଏହି ରାଇଫଲର ବର୍ଷ୍ଟ ଫାୟାରିଂ ସହ ବିଭିନ୍ନ ପରୀକ୍ଷଣ କରାଯାଇଛି। ଏହି ରାଇଫଲରେ ବ୍ୟବହୃତ ପ୍ରତ୍ୟେକ ଯନ୍ତ୍ରାଂଶ ଏବଂ କଞ୍ଚାମାଲ ଭାରତୀୟ ଶିଳ୍ପସଂସ୍ଥାରୁ ସଂଗ୍ରହ କରାଯାଇଛି। ସେନା ଦ୍ୱାରା ଆନୁଷ୍ଠାନିକ ମୂଲ୍ୟାଙ୍କନ ପାଇଁ କମ୍ପାନୀ ଏବେ ଏହି ସ୍ୱଦେଶୀ ନିର୍ଦ୍ଦେଶାବଳୀ ଆଧାରରେ ଆହୁରି ଅଧିକ ପ୍ରୋଟୋଟାଇପ୍ ପ୍ରସ୍ତୁତ କରୁଛି।

ଏହାର ଓଜନ ପ୍ରାୟ ୩ କିଲୋ ୮୦୦ ଗ୍ରାମ। ମିନିଟ୍ ପ୍ରତି ୭୦୦ ରାଉଣ୍ଡ ଗୁଳି ଫାୟାରିଂ ହୋଇପାରିବ। ଲକ୍ଷ୍ୟ ଭେଦ କ୍ଷମତା ରହିଛି ୮୦୦ ମିଟର। ଏଥିରେ ସ୍ୱତନ୍ତ୍ର ଟେଲିସ୍କୋପ୍, ସାଇଟ୍ ଏବଂ ଅନ୍ୟାନ୍ୟ ଯୁଦ୍ଧ ସରଞ୍ଜାମ ଲଗାଇବା ପାଇଁ ବ୍ୟବସ୍ଥା ରହିଛି। ରାଇଫଲର ପଛ ଭାଗକୁ ଭାଙ୍ଗି ଛୋଟ କରାଯାଇପାରିବ। ଯାହାଦ୍ୱାରା ଏହାକୁ ଗାଡ଼ି ଭିତରେ ବା ଛୋଟ ଜାଗାରେ ନେବା ଆଣିବା କରିବା ସହଜ ହୁଏ। ଏହାର ହ୍ୟାଣ୍ଡେଲ୍ ଏବଂ ଗ୍ରିପ୍‌କୁ ଏମିତି ତିଆରି କରାଯାଇଛି ଯେ ଜଣେ ସୈନିକ କ୍ରମାଗତ ଭାବେ ଗୁଳି ଚଳାଇଲେ ମଧ୍ୟ ହାତ ଥକିବ ନାହିଁ। ଏଥିରେ ସହଜରେ ସ୍ୱତନ୍ତ୍ର ସାଉଣ୍ଡ ସପ୍ରେସର ବା ସାଇଲେନ୍ସର ଲଗାଯାଇ ଗୁପ୍ତ ଅପରେସନ କରାଯାଇପାରିବ। ଇନସାସ ରାଇଫଲ୍‌ରେ ୫.୫୬ ଏମ୍‌ଏମ୍ ଗୁଳି ବ୍ୟବହାର ହେଉଥିବା ବେଳେ 'ଏକେ-୨୦୩' ରେ ୭.୬୨ଏମ୍‌ଏମ୍‌ର ବଡ଼ ଗୁଳି ବ୍ୟବହାର ହୁଏ। ଯାହା ଶତ୍ରୁକୁ ଗୋଟିଏ ଆଘାତରେ ଧରାଶାୟୀ କରିପାରେ। ସିଆଚିନ୍‌ର ବରଫ ହେଉ କି ରାଜସ୍ଥାନର ମରୁଭୂମି, 'ଏକେ-୨୦୩' ଯେକୌଣସି ପାଣିପାଗରେ ବିନା କୌଣସି ସମସ୍ୟାରେ କାମ କରିପାରିବ। ସେପଟେମ୍ବର ସୁଦ୍ଧା ଏହାକୁ ସ୍ଥଳସେନାକୁ ହସ୍ତାନ୍ତର ପାଇଁ ଯୋଜନା ରହିଛି। ଏହାପରେ ଏହାକୁ ବାୟୁସେନା, ନୌସେନା ଏବଂ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀକୁ ମଧ୍ୟ ଯୋଗାଇ ଦିଆଯିବ।

## ବାଂଲାଦେଶରେ ହିନ୍ଦୁ ପରିବାରର ୪ ଜଣଙ୍କୁ ହତ୍ୟା

ଢ଼ାକା,(ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ପରିବାରର ୪ ଜଣଙ୍କୁ ଅତ୍ୟନ୍ତ ନିର୍ମମ ଭାବେ କରାଯାଇଛି ହତ୍ୟା। ବନ୍ଦ ଘର ଭିତରୁ ମିଳିଛି ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ। ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ, ତାଙ୍କ ପତ୍ନୀ, ଝିଅ ଓ ୧୨ ବର୍ଷର ପୁଅ ହତ୍ୟାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ବାଂଲାଦେଶର ରଙ୍ଗପୁର ସିଟି ସ୍ଥିତ ଶିକ୍ଷକଙ୍କ ଘର ଭିତରୁ ୪ ଜଣଙ୍କ ମୃତଦେହ ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି। ଦାସପଡ଼ା ଅଞ୍ଚଳରେ ରହୁଥିଲେ ରଙ୍ଗପୁର ଜିଲ୍ଲା ସ୍କୁଲର ପୂର୍ବତନ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ। ଶନିବାର ରାତି ୧୧.୩୦ରେ ସେ ରହୁଥିବା ଘରୁ ଭିତରୁ ମିଳିଥିଲା ୪ ଜଣଙ୍କ ମୃତଦେହ। ଏହି ଘରଟି ବନ୍ଦ ରହିଥିଲା। କିନ୍ତୁ ପୁଲିସ୍ କବାଟ ଭାଙ୍ଗି ଘର ଭିତରୁ ୪ ଜଣଙ୍କ ମୃତଦେହ ଠାବ କରିଛି। ଗଣପତିଙ୍କ ସମେତ ତାଙ୍କ ପତ୍ନୀ ପ୍ରୀତିଲତା, ଝିଅ ଅଗ୍ନି ଚକ୍ରବର୍ତ୍ତୀ ପ୍ରାଥି ଓ ପୁଅ ପ୍ରିୟମଙ୍କ ମୃତଦେହକୁ ପୁଲିସ୍ ଜବତ କରିଛି। ଗଣପତି ଗତବର୍ଷ ଡିସେମ୍ବର ୩୧ରେ ରଙ୍ଗପୁର ଜିଲ୍ଲା ସ୍କୁଲରୁ ଅବସର ନେଇଥିଲେ। ତାଙ୍କ ଝିଅ ଅଗ୍ନି ଚଳିତ ବର୍ଷ ଇଂରାଜୀରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପୁଅ ପ୍ରିୟ ୫ମ ଶ୍ରେଣୀରେ ପଢୁଥିଲେ। ସବୁ କିଛି ଠିକଠାକ ଚାଲିଥିବା ବେଳେ ହଠାତ୍ ଗୁରୁବାର ମଧ୍ୟାହ୍ନରୁ ଗଣପତି ଓ ତାଙ୍କ ପରିବାର ସଦସ୍ୟଙ୍କ ଦେଖା ମିଳି ନଥିଲା। ସେହିପରି ସମ୍ପର୍କୀୟଙ୍କମାନେ ସେମାନଙ୍କ ସହ ଯୋଗାଯୋଗ କରି ନପାରିବାକୁ ସନ୍ଦେହ ବଢ଼ିଥିଲା। ପ୍ରୀତିଲତାଙ୍କ ସାନ ଭଉଣୀ ପୂଜାଙ୍କ କହିବା କଥା ଯେ ସେ ଗୁରୁବାର ମଧ୍ୟାହ୍ନରେ ଶେଷଥର ପାଇଁ ତାଙ୍କ ଭଉଣୀଙ୍କ ସହ କଥା ହୋଇଥିଲେ। ହେଲେ ଦିନକ ପରେ ପରିବାରର ୪ ଜଣ ସଦସ୍ୟଙ୍କ ଫୋନ ଏକାସଙ୍ଗେ ବନ୍ଦ ହୋଇଯାଇଥିଲା।ସେ କହିଛନ୍ତି, "ଆମେ ଶନିବାର ରାତିରେ ଦାସପଡ଼ା ଆସିଥିଲୁ। ଏହି ସମୟରେ ଘରର ମୁଖ୍ୟ ଗେଟ ବନ୍ଦ ଥିଲା। ଘର ଭିତରେ ଲାଇଟ ମଧ୍ୟ ଜଳୁ ନଥିଲା। ଏହାକୁ ଦେଖି ଆମେ ପୁଲିସ୍‌କୁ ଖବର ଦେଇଥିଲୁ। ପୁଲିସ୍‌ଲକ ଭାଙ୍ଗି ଘର ଭିତରେ ପଶିଥିଲା। ଏହି ସମୟରେ ସମସ୍ତଙ୍କ ମୃତଦେହ ଘର ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା।"

ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସିଆଇଡି ଓ ଡିଟେକ୍ଟିଭ ବ୍ରାଞ୍ଚ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ଘରର ସିଢ଼ି ପାଖରୁ ପ୍ରୀତିଲତା ଓ ତାଙ୍କ ଝିଅଙ୍କ ମୃତଦେହ ମିଳିଥିଲା। ଗଣପତିଙ୍କ ମୃତଦେହକୁ ପୁଲିସ୍‌ଛାତରୁ ଜବତ କରିଛି। ପରିବାରର ସବୁଠାରୁ ସାନ ୧୨ ବର୍ଷୀୟ ପ୍ରିୟମଙ୍କ ମୃତଦେହ ଘରର ଖଟ ତଳେ ପଡ଼ି ରହିଥିଲା। ଏବେ ଏହାର ଅଧିକ ତଦନ୍ତ କରାଯାଉଥିବା ପୁଲିସ୍ କହିଛି।

## ଭଣ୍ଡାରାରେ ହେଲିକପ୍ଟରର ଜରୁରୀ ଅବତରଣ

ଭଣ୍ଡାରା,(ଏଜେନ୍ସି): ମହାରାଷ୍ଟ୍ରର ଭଣ୍ଡାରା ଜିଲ୍ଲାରେ ରବିବାର ଖରାପ ପାଗ ଯୋଗୁଁ ଚାରିଜଣ ଲୋକଙ୍କୁ ନେଇ ଯାଉଥିବା ଏକ ହେଲିକପ୍ଟର ହ୍ରଦ ପାଖରେ ଜରୁରୀ ଅବତରଣ କରିଛି। ଏହି ଘଟଣାରେ କେହି ଆହତ ହୋଇନାହାନ୍ତି। ଜଣେ ଅଧିକାରୀ କହିଛନ୍ତି, ଏକ ପ୍ରାଇଭେଟ୍ କମ୍ପାନୀର ହେଲିକପ୍ଟର ନାଗପୁରରୁ ରାୟପୁର ଯାଉଥିବା ବେଳେ ସକାଳ ପ୍ରାୟ ୧୧ଟାରେ ବେଳେ ପାଇଲଟ୍‌ଙ୍କୁ ଖରାପ ପାଗର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଜରୁରୀ ଅବତରଣ ପୂର୍ବରୁ ହେଲିକପ୍ଟର ଭିସାରୀ ହ୍ରଦ ଉପରେ କେତେଥର ଘୂରିଥିଲା। ହ୍ରଦ ପାଣି କମ୍ ଥିବାରୁ ଅଞ୍ଚଳରେ ବହୁ ଖାଲି ସ୍ଥାନ ରହିଥିଲା ଏବଂ ପାଇଲଟ୍ ସେଠାରେ ହେଲିକପ୍ଟର ଅବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ସେଠାରେ ପ୍ରାୟ ଏକ ଘଣ୍ଟା ଅଟକି ରହିବା ପରେ ପାଗ ପରିବର୍ତ୍ତନ ହେବା ସହିତ ଭିଜିବିଲିଟି ଠିକ୍ ହେବାରୁ ହେଲିକପ୍ଟରଟି ପୁଣିଥରେ ନାଗପୁର ଫେରିଯାଇଥିଲା।

## ଶ୍ରୀନଗର ସେଣ୍ଟ୍ରାଲ୍ ଜେଲ୍‌ରୁ ଦୁଇ କଏଦୀ ଫେରାର୍

ଶ୍ରୀନଗର,(ଏଜେନ୍ସି): ଜମ୍ମୁ-କଶ୍ମୀରର ଶ୍ରୀନଗର ସେଣ୍ଟ୍ରାଲ୍ ଜେଲ୍‌ରେ ପୋକ୍‌ସୋ ମାମଲାରେ ବନ୍ଦ ଥିବା ଦୁଇଜଣ ବିଚାରାଧୀନ କଏଦୀ ରବିବାର ଫେରାର୍ ହୋଇଯାଇଛି। ଦୁଇ ଫେରାର୍ କଏଦୀ ହେଲେ ରାଜସ୍ଥାନର ଫରମାନ୍ ଖାନ୍ ଏବଂ ଜମ୍ମୁ-କଶ୍ମୀର ଅନନ୍ତନାଗ ଜିଲ୍ଲାର ମୁଖ୍‌ତାର ଅହମଦ ଗୁଜ୍ଜର। ଦୁଇ ଫେରାର୍ କଏଦୀଙ୍କୁ ଧରିବା ପାଇଁ ପୁଲିସ୍ ବଡ଼ ଧରଣର ତଲାସୀ ଅଭିଯାନ ଆରମ୍ଭ କରିଦେଇଥିବା ବରିଷ୍ଠ ଅଧିକାରୀ କହିଛନ୍ତି। କଶ୍ମୀରରୁ ବାହାରକୁ ଯାଇଥିବା ସମସ୍ତ ପ୍ରମୁଖ ରାସ୍ତାରେ ଲୁକ୍‌ଆଉଟ୍ ନୋଟିସ୍ ଜାରି କରାଯାଇଛି।

ଜାତୀୟ ଚେତନା
JATIYA CHETANA



# 'ଓସେନ୍ ୱିନର'ର ଜଳସମାଧି, ମଝି ସମୁଦ୍ରରେ ଖୋଜୁଛି ରେସ୍କ୍ୟୁ ଟିମ୍

ଭୁବନେଶ୍ୱର,(ଜା.ପ୍ର): ୭୨ ହଜାର ମେଟ୍ରିକ ଟନ୍ ଲୁହାପଥର। ୨୪ କ୍ରୁ ମେମ୍ବର। ଜାହାଜ ଏମ୍‌ଭି 'ଓସେନ ୱିନର'। ପାରାଦୀପରୁ ବାହାରିଲା, ବଙ୍ଗୋପସାଗରର ଛାତି ଚିରି ଚୀନ ଆଡକୁ ମାଡ଼ି ଚାଲିଥିଲା। ସ୍ପିଡ୍ ଥିଲା ୧୦.୫ ନଟ୍ସ ବା ଘଣ୍ଟାପ୍ରତି ପ୍ରାୟ ୧୯ କିଲୋମିଟର। ହେଲେ କ'ଣ ଏମିତି ଘଟିଗଲା କେଜାଣି, ମଝି ଦରିଆରେ ଦୋହଲିଗଲା ବିଶାଳକାୟ ଜାହାଜ। କଟିଗଲା ସିଗନାଲ୍, ବିଚ୍ଛିନ୍ନ ହୋଇଗଲା ଯୋଗାଯୋଗ। ଆଉ ବଙ୍ଗୋପସାଗରର ଅଥଳ ଜଳରାଶିରେ ଧିରେ ଧିରେ ଡୁବିଗଲା। ପାରାଦୀପଠୁ ପ୍ରାୟ ୪୦୭ କିଲୋମିଟର ଓ ବିଶାଖାପାଟଣାଠାରୁ ୭୦୦ କିଲୋମିଟର ପୂର୍ବରେ ଜଳସମାଧି ନେଇଯାଇଛି 'ଓସେନ୍ ୱିନର।' ତେବେ ମଝି ସମୁଦ୍ରରେ ବଡ଼ ରେସ୍କ୍ୟୁ ଅପରେସନ୍ ଜାରି ରହିଛି। ଏହି ଅପରେସନରେ ନୌସେନା, କୋଷ୍ଟଗାର୍ଡ ସାମିଲ ଅଛନ୍ତି। 'ଓସେନ୍ ୱିନର୍'ର ଲାଇଫ୍ ରାଫ୍ଟ ଠାବ କରାଯାଇଛି। ୨ଜଣ କ୍ରୁ ସଦସ୍ୟଙ୍କୁ ଜୀବିତ ଉଦ୍ଧାର କରାଯାଇଥିବାବେଳେ ଜାହାରେ ଥିବା ଆହୁରି ୨୨ ଜଣ ଏବେବି ନିଖୋଜ ଅଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଆଇସିଜି ଆଉ ୩ ଜାହାଜ ପଠାଇଥିବା ଜଣାଯାଇଛି। ପାନାମା ପତାକାଧାରୀ



ଜାହାଜକୁ ଏବେ ସମୁଦ୍ର ଭିତରେ ଖୋଜିଚାଲିଛି ଏକାଧିକ ରେସ୍କ୍ୟୁ ଟିମ୍। ଅପରେସନରେ ସାମିଲ ହୋଇଛି ଭାରତୀୟ ନୌସେନାର ବିମାନ-ପି-୮ଆଇ। ଯୁଦ୍ଧ ଜାହାଜ ଆଇଏନଏସ୍ ବରାଡ, ଅନମୋଲ ଏବଂ ଭିଜିତ ଏମ୍‌ଭି 'ଓସେନ ୱିନର'ର କ୍ରୁମେମ୍ବରଙ୍କୁ ଖୋଜି ଚାଲିଛନ୍ତି। ସେପଟେ ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହିତ ନିଖୋଜ କ୍ରିଉ ମେମ୍ବରଙ୍କ ସୁରକ୍ଷା କାମନା କରିଛନ୍ତି କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ। ତେବେ ମଝି ଦରିଆରେ ଓସେନ୍ ୱିନର୍ ହଠାତ ଏମିତି ବୁଡ଼ି ଯିବାର ରହସ୍ୟ କ'ଣ ? ଯାତ୍ରାର ମାତ୍ର ୨୪ ଘଣ୍ଟା ଭିତରେ ଜାହାଜ ସହିତ ଘଟିଲା କ'ଣ ? କାହିଁକି ସମୁଦ୍ର ମଝିରେ ଡୁବିଗଲା ଓସେନ୍ ୱିନର ? ଟେକ୍ନିକାଲ୍ ଫଲ୍ଟ ନା ପ୍ରତିକୂଳ ପାଣିପାଗ ? କାଳ ସାଜିଲା କି ଅଧିକ ଓଜନର ମାଲ୍ ପରିବହନ ? ସୂଚନା ଅନୁସାରେ ୧୯୯୮ ମସିହାରେ ନିର୍ମିତ ଏହି ଜାହାଜର ଲମ୍ବ ୨୨୫ ମିଟର ଓ ଚଉଡ଼ା ୩୨ ମିଟର। ମାଲ ପରିବହନ କ୍ଷମତା ଥିଲା ୭୩ ହଜାର ୭୩୬ ମେଟ୍ରିକ୍ ଟନ୍। ବିଶେଷଜ୍ଞଙ୍କ କହିବା ଅନୁସାରେ, ଜାହାଜର ସିଗନାଲ୍ ହଠାତ୍ ବନ୍ଦ ହେବା ପରେ ଏହା ବୈଷୟିକ ତ୍ରୁଟି କିମ୍ବା କୌଣସି ଜରୁରୀ ପରିସ୍ଥିତିର ଶିକାର ହୋଇଥାଇପାରେ। କାର୍ଗୋରେ ଅଧିକ ଜଳୀୟ ଅଂଶ, ଜଳବାୟୁର ସ୍ଥିତି କିମ୍ବା ଜାହାଜ ଇଞ୍ଜିନର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ତେବେ ଉଦ୍ଧାର କ୍ରୁ ମେମ୍ବରଙ୍କ ସୂଚନା ସହିତ ଘଟଣାର ତଦନ୍ତ ହେଲେ ପୂରା ରହସ୍ୟର ପର୍ଦ୍ଦାଫାସ ହେବ। ଓସେନ୍ ୱିନର ବୁଡ଼ିବା ଘଟଣା ମନେପକାଇଦେଇଛି ୧୭ ବର୍ଷ ତଳର ବ୍ଲାକରୋଜ୍ ଟ୍ରାଜେଡି। ୨୦୦୯ ସେପ୍ଟେମ୍ବର ୯। ପାରାଦୀପ ବନ୍ଦରରୁ ମାତ୍ର ୫ କିଲୋମିଟର ଯିବାପରେ ବୁଡ଼ିଯାଇଥିଲା ମଙ୍ଗୋଲିୟ ଜାହାଜ ଏମଭି ବ୍ଲାକରୋଜ୍। ଯେଉଁଥିରେ ଥିଲା ପ୍ରାୟ ୨୩ ହଜାର ମେଟ୍ରିକ୍ ଟନ୍ ଲୁହା ପଥର ସହିତ ୯୨୦ ମେଟ୍ରିକ୍ ଟନ୍ ଫର୍ଣ୍ଣେସ୍ ଅଏଲ୍। ଲୁହାପଥର ଚୋରାଚାଲଣ ଅଭିଯୋଗ ନେଇ ଆଜି ବି ବ୍ଲାକରୋଜ୍ ବିବାଦ ଲାଗିରହିଛି। ଏସବୁ ଭିତରେ ଓସନ୍ ୱିନରର ରହସ୍ୟ କ'ଣ ତାକୁ ନେଇ ଉତ୍କଣ୍ଠା ବଢିଛି।

# ସହରାଞ୍ଚଳ ସେବା ବ୍ୟବସ୍ଥାର ସମୀକ୍ଷା

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ପାଇଁ ଏକ ବ୍ୟାପକ ସମୀକ୍ଷା ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭାବେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି 'ଓଡ଼ିଶା ଅର୍ବାନ କନକ୍ଲେଭ୍ ୨୦୨୬' ଅନୁଷ୍ଠିତ ହୋଇଯାଇଛି । ସହର ବିକାଶ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିବା ସହ ଦକ୍ଷ, ସ୍ଥାୟୀ ଏବଂ ନାଗରିକ-କୈନ୍ଦ୍ରିକ ସହର ପରିଚାଳନା ରଣନୀତି ଉପରେ ଆଲୋଚନା କରିବା ପାଇଁ ଏହି କନକ୍ଲେଭରେ ବରିଷ୍ଠ ଅଧିକାରୀ, ପୌର ପରିଚାଳକ, ସହର ଯୋଜନାକାରୀ, ବୈଷୟିକ ବିଶେଷଜ୍ଞ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଏକତ୍ରିତ ହୋଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଓଡ଼ିଶାର ସହରାଞ୍ଚଳର ରୂପାନ୍ତରଣ ପାଇଁ ବ୍ୟାପକ ଦୃଷ୍ଟିକୋଣ ଏବଂ ପ୍ରାଥମିକତା ଉପରେ ଆଲୋକପାତ କରିଥିଲେ। ସେ ସୁଦୃଢ଼ ପ୍ରତିଷ୍ଠାନଗତ ଦକ୍ଷତା, ପୌରସଂସ୍ଥାର ଉନ୍ନତ କାର୍ଯ୍ୟଦକ୍ଷତା, ପ୍ରଭାବଶାଳୀ ଆର୍ଥିକ ପରିଚାଳନା ଏବଂ ଫଳାଫଳ-ଭିତ୍ତିକ ସହର ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମାର୍ଦ୍ଧର ବୈଷୟିକ ଅଧିବେଶନରେ ବଜେଟ୍ ଏବଂ ଆର୍ଥିକ ପରିଚାଳନା, ରାଜସ୍ୱ ବୃଦ୍ଧି, ଖର୍ଚ୍ଚ ବିଶ୍ଳେଷଣ ତଥା ପୌରସଂସ୍ଥାଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ବିଶେଷ କରି କମ୍ ପ୍ରଦର୍ଶନ କରୁଥିବା ପୌରାଞ୍ଚଳଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏହି ଆଲୋଚନାର ଉଦ୍ଦେଶ୍ୟ ଥିଲା ମ୍ୟୁନିସିପାଲିଟି ଗୁଡ଼ିକର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଏବଂ ତୃଣମୂଳ ସ୍ତରରେ ସେବା ପ୍ରଦାନର ଦକ୍ଷତା, ଉତ୍ତରଦାୟିତ୍ୱ ତଥା ଗୁଣବତ୍ତା ବୃଦ୍ଧି କରିବା। ସହରାଞ୍ଚଳ ଯୋଜନା ଓ ଭିତ୍ତିଭୂମି ବିକାଶ, ଟାଉନ୍ ପ୍ଲାନିଂ ଯୋଜନାର ମାନକ କାର୍ଯ୍ୟପ୍ରଣାଳୀ , ସମୃଦ୍ଧ ସହର ଢାଞ୍ଚା, ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ, ଟାୟାର-୨ ଏବଂ ଟାୟାର-୩ ସହରଗୁଡ଼ିକର ଯୋଜନାବଦ୍ଧ ବିକାଶ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପଦଯାତ୍ରୀ-ଅନୁକୂଳ ରାସ୍ତା ଏବଂ ଗ୍ରାମୀଣ-ସହରାଞ୍ଚଳ ରୂପାନ୍ତରଣ ନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସହରର ଅଭିବୃଦ୍ଧି ଯେପରି ସର୍ବସମାବେଶୀ, ସ୍ଥିର ଏବଂ ନିରନ୍ତର ରହିବ, ତାହା ନିଶ୍ଚିତ କରିବାକୁ ଏକୀକୃତ ଯୋଜନା ତଥା ଭିତ୍ତିଭୂମି ବିକାଶର ଗୁରୁତ୍ୱ ଉପରେ ଏହି ଅଧିବେଶନରେ ଗୁରୁତ୍ୱ ଦିଆଯାଇଥିଲା।

# ଟ୍ରେନ୍ ବଗି ଛାଡ଼ି ପଳାଇଲା ଇଞ୍ଜିନ୍



ଭୁବନେଶ୍ୱର,(ଜା.ପ୍ର): ଟ୍ରେନର ବଗିକୁ ଛାଡ଼ି ଆଗକୁ ପଳାଇଲା ଇଞ୍ଜିନ୍। ବଗିରେ ଯାତ୍ରୀ ଥିବାବେଳେ ଘଟିଲା ଏଭଳି ଅଭାବନୀୟ ଘଟଣା। ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲେ ସମସ୍ତେ। ଏଭଳି ଘଟଣାକୁ ନେଇ ରେଳ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ଏବେ ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ, ପୁରୁଣାକଟକ-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ବଲାଙ୍ଗୀରରୁ ଛାଡ଼ିବା ପରେ ଏଭଳି ଘଟଣା ଘଟିଥିଲା। ଟ୍ରେନ୍‌ଟି ଗକୁ ଯାଉଥିବା ବେଳେ ସୁଦପଡ଼ା ରେଲୱେ ଫାଟକ ନିକଟରେ ହଠାତ୍ ଇଞ୍ଜିନ୍ ବଗିକୁ ଛାଡ଼ି ଆଗକୁ ଚାଲିଯାଇଥିଲା। ଫଳରେ ଇଞ୍ଜିନ ଠାରୁ ଅଲଗା ହୋଇ ବଗିଗୁଡ଼ିକ ସେଠାରେ ରହିଯାଇଥିଲା। ବଗିରେ ଯାତ୍ରୀ ଥିବାରୁ ଘଟଣାକୁ ନେଇ ଆତଙ୍କ ଖେଳିଯାଇଥିଲା। ତେବେ ବଡ଼ ଧରଣର ଅଘଟଣ ଘଟିନଥିବାରୁ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣା ପରେ ପ୍ରାୟ ୩୦ ମିନିଟ୍ ପରେ ଇଞ୍ଜିନ୍ ପୁଣି ଫେରି ଆସିଥିଲା। ଏହାପରେ ବଗିଗୁଡ଼ିକ ସହ ଇଞ୍ଜିନକୁ ଯୋଡ଼ାଯିବା ପରେ ଟ୍ରେନଟି ପୁଣି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା। ତେବେ ଚଳନ୍ତା ଟ୍ରେନରୁ କିପରି ଇଞ୍ଜିନ୍ ବଗିଠାରୁ ଅଲଗା ହୋଇଗଲା, ଏଥିରେ କୌଣସି ଯାନ୍ତ୍ରିକ ତ୍ରୁଟି ଥିଲା କି ନାହିଁ ଏବଂ ଏଭଳି ଘଟଣା ପାଇଁ କିଏ ଦାୟୀତାହାକୁ ନେଇ ପ୍ରଶ୍ନ ଉଠିଛି। ଘଟଣାର ପ୍ରକୃତ କାରଣ ରେଳ ବିଭାଗର ତଦନ୍ତ ପରେ ସ୍ପଷ୍ଟ ହେବ।

## ଗଡ଼କରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

# ଏନ୍‌ଏଚ୍-୫୫ର ତୁରନ୍ତ ମରାମତି ପାଇଁ କଲେ ଅନୁରୋଧ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ପ୍ରମୁଖ ପରିବହନ ଓ ଲଜିଷ୍ଟିକ୍ସ କରିଡର ଏନ୍‌ଏଚ୍-୫୫ର ଶୋଚନୀୟ ଅବସ୍ଥା ନେଇ ଚିନ୍ତା ପ୍ରକଟ କରିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଜାତୀୟ ରାଜପଥର ତୁରନ୍ତ ମରାମତି ସହ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଧର୍ମେନ୍ଦ୍ର ଦର୍ଶାଇଛନ୍ତି ଯେ, ସମ୍ବଲପୁର, ଅନୁଗୋଳ ଓ କଟକକୁ ସଂଯୋଗ କରୁଥିବା ଏନ୍‌ଏଚ୍-୫୫ ହେଉଛି ରାଜ୍ୟର ଅନ୍ୟତମ ପ୍ରମୁଖ ଜୀବନରେଖା। ମାତ୍ର ଲଗାଣ ବର୍ଷା ଓ ଅତ୍ୟଧିକ ଗାଡ଼ି ଚଳାଚଳ ଯୋଗୁଁ ରାଜପଥର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। କେତେକ ସ୍ଥାନରେ ରାସ୍ତା ମଧ୍ୟ ନଷ୍ଟ ହୋଇଯାଇଛି। ଏହା ଯୋଗୁଁ ଯାତ୍ରୀ ଓ ପଣ୍ୟବାହୀ ଯାନବାହନ ଚଳାଚଳରେ ଗୁରୁତର ସମସ୍ୟା ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ସହ ନିୟମିତ ଯାତାୟାତ କରୁଥିବା ଲୋକମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଧର୍ମେନ୍ଦ୍ର ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାର ତୁରନ୍ତ ସମାଧାନ ପାଇଁ ମଧ୍ୟ ଅନୁରୋଧ କରିଛନ୍ତି।.

ମୌସୁମୀ ବର୍ଷା ଓ ଜଳବନ୍ଦୀ ଯୋଗୁଁ ଏନ୍‌ଏଚ୍-୫୫ର ଅବସ୍ଥା ଆହୁରି ସଙ୍ଗୀନ ହୋଇପଡ଼ିଛି। ରାସ୍ତାରେ ପାଣି ଜମି ରହିବା ଯୋଗୁଁ ଗଭୀର ଖାଲଗୁଡ଼ିକ ଚିହ୍ନଟ କରିବା କଷ୍ଟକର ହେଉଛି। ଫଳରେ ସଡ଼କ ଦୁର୍ଘଟଣାର ଆଶଙ୍କା ବଢ଼ିବା ସହ ଗମନାଗମନ ଓ ଯୋଗାଯୋଗ ମଧ୍ୟ ବାଧାପ୍ରାପ୍ତ ହେଉଛି। ପଶ୍ଚିମ ଓଡ଼ିଶାକୁ ଉପକୂଳ ଓଡ଼ିଶା ସହ ଯୋଡ଼ିବା ଏବଂ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପରିବହନ ପାଇଁ ଏହି ରାଜପଥର ଗୁରୁତ୍ୱକୁ ଦୃଷ୍ଟିରେ ରଖି ତୁରନ୍ତ ମରାମତି ଆବଶ୍ୟକ ବୋଲି ସାଂସଦ କହିଛନ୍ତି।

ସମ୍ବଲପୁରରୁ କଟକ ମଧ୍ୟରେ ଏନ୍‌ଏଚ୍-୫୫ର ତୁରନ୍ତ ମରାମତି ଏବଂ ଖାଲ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ନିର୍ଦ୍ଦେଶ ଦେବାକୁ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ସାଧାରଣ ଲୋକଙ୍କ ସୁରକ୍ଷିତ ଓ ନିରାପଦ ଯାତାୟାତ ସୁନିଶ୍ଚିତ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଦୁଇ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,(ଜା.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ମିତ୍ରପୁର ନିକଟସ୍ଥ 'ବ୍ଲୁ-ଲେକ୍' ରେ ଶନିବାର ବୁଲିବାକୁ ଆସି ଗଭୀର ପାଣିରେ ବୁଡ଼ି ନିଖୋଜ ଥିବା ଫକୀର ମୋହନ କଲେଜର ଦୁଇ ଛାତ୍ରଙ୍କ ମୃତଦେହ ଦୀର୍ଘ ୨୪ ଘଣ୍ଟା ପରେ ଉଦ୍ଧାର ହୋଇଛି। ମୃତ ଛାତ୍ର ଦ୍ୱୟ ହେଲେ ନୀଳଗିରି ବଇଁଚା ଅଞ୍ଚଳର ଭବିଷ୍ୟ ପାତ୍ର ଏବଂ ଭଦ୍ରକ ଅଞ୍ଚଳର ଅଂଶୁମାନ ପାତ୍ର। ଶନିବାର ତିନି ଜଣ ସାଙ୍ଗ ମିଶି ମିତ୍ରପୁରସ୍ଥିତ 'ବ୍ଲୁ-ଲେକ୍' ବୁଲିବାକୁ ଯାଇଥିଲେ। ସେଠାରେ ପାଣିରେ ଗାଧୋଉଥିବା ସମୟରେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ଭବିଷ୍ୟ ଓ ଅଂଶୁମାନ ଗଭୀର ଜଳ ଭିତରକୁ ଚାଲିଯାଇ ବୁଡ଼ି ଯାଇଥିଲେ। ସେମାନଙ୍କ ସହ ଥିବା ରେମୁଣା କଲେଜର ଛାତ୍ର ତଥା ଭଦ୍ରକ ଅଞ୍ଚଳର ରୋଶନ ନାୟକ ସୌଭାଗ୍ୟବଶତଃ ସୁରକ୍ଷିତ ଭାବେ ବର୍ତ୍ତି ଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ମାତ୍ରେ ସ୍ଥାନୀୟ ପୁଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଏବଂ ସ୍କୁବା ଡାଇଭିଂ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଅତ୍ୟନ୍ତ ଗଭୀର ଓ ପଥୁରିଆ ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ବେଶ୍ ଚ୍ୟାଲେଞ୍ଜିଂ ଥିଲା। ଦୀର୍ଘ ୨୪ ଘଣ୍ଟାର ନିରବଚ୍ଛିନ୍ନ ଅପରେସନ ପରେ ଶେଷରେ ରବିବାର ସ୍କୁବା ଡାଇଭର୍ସ ଟିମ୍ ସହାୟତାରେ ପାଣି ଭିତରୁ ଉଭୟ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି।

# ସୋ'ରୁମ୍‌ରୁ ମାଲିକାଣୀଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,(ଜା.ପ୍ର): କେନ୍ଦୁଝରର ଟାଉନ ଥାନା ଅନ୍ତର୍ଗତ ଘୁଟୁରୁ ଠାରେ ଥିବା ଅର୍ଚ୍ଚନା ଟ୍ରେଡର୍ସ ସୋ' ରୁମ୍ ଭିତରୁ ମାଲିକାଣୀ ଅର୍ଚ୍ଚନା ପରିଡ଼ାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ଏହା ଏକ ସୁଚିନ୍ତିତ ହତ୍ୟା ବୋଲି ପରିବାର ଲୋକ ଅଭିଯୋଗ କରିବା ପରେ ପୁଲିସ ସ୍ୱାମୀଙ୍କୁ ଗିରଫ କରିଛି। ରବିବାର ସକାଳେ ଅର୍ଚ୍ଚନାଙ୍କ ସ୍ୱାମୀ ଅଭିମନ୍ୟୁ ପରିଡ଼ା କେନ୍ଦୁଝର ଟାଉନ ଥାନାରେ ଖବର ଦେଇଥିଲେ ଯେ, କୃଷି ଯନ୍ତ୍ରପାତି, ଇଭି ସ୍କୁଟି ବିକ୍ରି ହେଉଥିବା ସୋ' ରୁମ ଭିତରେ ଏକ ରୁମ ଭିତରୁ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା । ସୂଚନା ପାଇ ଅପରାହ୍ନ ୧ ଟା ବେଳେ ଟାଉନ ପୁଲିସ ଘଟଣାସ୍ଥଳକୁ ଯାଇ ମୃତ ଦେହ ଜବତ୍ କରିଛି । ଘଟଣାସ୍ଥଳରୁ କାନ୍ଥରେ ମରାଯାଇଥିବା ଏକ ସୁଇସାଇଡ ନୋଟ ଜବତ୍ କରାଯାଇଛି। ଏହି ସୁଇସାଇଡ ନୋଟରେ 'ମୁଁ ଇଚ୍ଛାରେ ମରିଛି, ଏଥିପାଇଁ ମୋ ସ୍ୱାମୀ ଅଭିମନ୍ୟୁ ପରିଡ଼ା ଦାୟୀ ନୁହେଁ' ବୋଲି ଲେଖାଯାଇଛି। ଏହି ନୋଟ୍‌ଟି ମୃତ ଅର୍ଚ୍ଚନା ପରିଡା ଲେଖି ନାହାଁନ୍ତି ବରଂ ସୁଚିନ୍ତିତ ଭାବେ ହତ୍ୟା କରିବା ପରେ ତାଙ୍କ ସ୍ୱାମୀ ଲେଖିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଅର୍ଚ୍ଚନାଙ୍କ ମୁଣ୍ଡରେ ଏବଂ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ସୋ' ରୁମ୍ ଭିତରେ ଥିବା ଏକ ରୁମରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଚଟାଣରେ ଅର୍ଚ୍ଚନାଙ୍କ ମୃତଦେହ ପଡିଥିବାବେଳେ ମୁଣ୍ଡ ପଛ ପଟରୁ ପ୍ରବଳ ରକ୍ତସ୍ରାବ ହୋଇଛି ଏବଂ ଡାହାଣ ଗୋଡ ବୁଢ଼ା ଆଙ୍ଗୁଠି, ନାକ ଓ କାନରୁ ରକ୍ତ ବାହାରିଥିବା ଦେଖାଯାଇଥିଲା। ଅର୍ଚ୍ଚନା ଓ ଅଭିମନ୍ୟୁ ବଣିଆପାଟ ଅଞ୍ଚଳରେ ଏକ ଭଡା ଘରେ ରହୁଥିଲେ। ତେବେ ଅର୍ଚ୍ଚନାକୁ ସେଠାରେ ହତ୍ୟା କରି ମୃତ ଦେହ ଅର୍ଚ୍ଚନା ଟ୍ରେଡର୍ସ ଭିତରେ ଆଣି ରଖାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଅଭିମନ୍ୟୁ ପରିଡ଼ାକୁ ପୁଲିସ ଧରି ଘଟଣା ସ୍ଥଳକୁ ନେଇ ତଦନ୍ତ କରିବା ସମୟରେ ପ୍ରବଳ ପାଟିତୁଣ୍ଡ ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ହାଣ୍ଡିଭଙ୍ଗା ଅଞ୍ଚଳର ଅଭିମନ୍ୟୁ ପରିଡ଼ା ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ରସମତଳା ଗ୍ରାମର ଅର୍ଚ୍ଚନା ବାରିକଙ୍କୁ ୨୦୧୪ ମସିହାରେ ବିବାହ କରିଥିଲେ। ଉଭୟଙ୍କର ଜଣେ ପୁଅ ଓ ଜଣେ ଝିଅ ଅଛନ୍ତି। ଘୁଟୁରୁ ଠାରେ ଅର୍ଚ୍ଚନା ଟ୍ରେଡର୍ସ ଓ ଶୁଭ ମୋଟର୍ସ ନାମରେ ସେମାନଙ୍କ ବ୍ୟବସାୟ ଚାଲିଛି। ଭିଣୋଇ ଅଭିମନ୍ୟୁ ପରିଡ଼ା ମଦ ପିଇ ବିନା କାରଣରେ ଭଉଣୀଙ୍କୁ ସବୁବେଳେ ପିଟୁଥିଲେ ବୋଲି କହି ମୃତା ଅର୍ଚ୍ଚନାଙ୍କ ଭାଇ ଅଜୟ କୁମାର ବାରିକ ଭଉଣୀକୁ ଭିଣୋଇ ହତ୍ୟା କରିଥିବା ନେଇ ନେଇ ଟାଉନ ଥାନାରେ ଏତଲା ଦେଇଛନ୍ତି। ଏନେଇ ପୁଲିସ କେସ ନମ୍ବର ୮୩୫/୨୦୨୬ରେ ଏକ ହତ୍ୟା ମାମଲା ରୁଜୁ କରିଛି । ମୃତକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ପୁଲିସ ଶବ ଜବତ୍ କରି ବ୍ୟବଚ୍ଛେଦ କରାଇଛି ବୋଲି ସଦର ଏସଡିପିଓ ସୁଦର୍ଶନ ଗାଙ୍ଗୋଇ ସୂଚନା ଦେଇଛନ୍ତି ।

ଜାତୀୟ ଚେତନା
JATIYA CHETANA

# ଶିକ୍ଷା ସଂକଟ ଓ ନ୍ୟାୟିକ ସ୍ୱଚ୍ଛତା

ଦେଶର ଶିକ୍ଷା ବ୍ୟବସ୍ଥାରେ କ୍ରମାଗତ ଅବକ୍ଷୟ, ନ୍ୟାୟପାଳିକାର ସ୍ୱଚ୍ଛତା ଏବଂ ଗଣତାନ୍ତ୍ରିକ ପ୍ରତିବାଦର ବଦଳୁଥିବା ସ୍ୱରକୁ ନେଇ ସାମ୍ପ୍ରତିକ ସମୟରେ ସାରା ଦେଶରେ ଏକ ଗ୍ରହଣୀୟ ଚିନ୍ତନ ଆରମ୍ଭ ହୋଇଛି। ଜନ୍ତରମନ୍ତରରେ ପ୍ରଶ୍ନପତ୍ର ପ୍ରଘଟକୁ କେନ୍ଦ୍ର କରି ବ୍ୟାପକ ଛାତ୍ର ଆନ୍ଦୋଳନ ଏବଂ ତା'ର ପରିଣାମ ସ୍ୱରୂପ ଶିକ୍ଷାମନ୍ତ୍ରୀଙ୍କ ନୈତିକ ଇସ୍ତଫା ଶିକ୍ଷା ବ୍ୟବସ୍ଥାର ବ୍ୟବସ୍ଥାଗତ ବିଫଳତାକୁ ପଦାରେ ପକାଇଛି। ଏହି ସମସ୍ୟା କେବଳ ଗୋଟିଏ ନିର୍ଦ୍ଦିଷ୍ଟ ପରୀକ୍ଷା ଭିତରେ ସୀମିତ ନୁହେଁ, ବରଂ ଗତ କିଛି ବର୍ଷ ହେବ ବାରମ୍ବାର ନୂଆ ନୂଆ ଶିକ୍ଷାନୀତି, କାର୍ଯ୍ୟଖସଡ଼ା ଓ ପଲିସି ପ୍ରସ୍ତୁତ ହେଉଥିଲେ ମଧ୍ୟ ସିଷ୍ଟମରେ ଥିବା ଗାତଗୁଡ଼ିକ ପୁରଣ ହୋଇପାରୁନାହିଁ।

ଏହି ଶିକ୍ଷାସଂକଟ ମଧ୍ୟରେ ସୁପ୍ରିମକୋର୍ଟ ବିଚାରପତିଙ୍କ ଏକ ମନ୍ତବ୍ୟ ନ୍ୟାୟ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କଲେଜିୟମ ବ୍ୟବସ୍ଥାରେ ଅସ୍ୱଚ୍ଛତା ଯୋଗୁଁ ଯୋଗ୍ୟ ବ୍ୟକ୍ତିମାନେ ବାଦ୍ ପଡୁଛନ୍ତି ଏବଂ ଏପରି କିଛି ଲୋକ ନିଯୁକ୍ତି ପାଉଛନ୍ତି ଯେଉଁମାନେ ସାଧାରଣ ନାଗରିକଙ୍କୁ 'ପିମ୍ପୁଡ଼ି' କହି ତାଚ୍ଛଲ୍ୟ କରୁଛନ୍ତି। ଦେଶର ବିଭିନ୍ନ ଅଦାଲତରେ ପ୍ରାୟ ଛ' କୋଟିରୁ ଅଧିକ ମାମଲା ବର୍ଷ ବର୍ଷ ଧରି ପଡ଼ିରହିଛି। ଅନେକ ସମୟରେ ଆବେଦନକାରୀ, ଓକିଲ ଏବଂ ବିଚାରପତି ଆରପାରିକୁ ଚାଲିଗଲେ ବି ନ୍ୟାୟ ମିଳିପାରୁନାହିଁ। ଏଭଳି ସ୍ଥିତିରେ ଲୋକଙ୍କୁ ଜନ୍ଦା, ପିମ୍ପୁଡ଼ି କିମ୍ବା କୀଟପତଙ୍ଗ କହି ସେମାନଙ୍କ ସମସ୍ୟାକୁ ଏଡ଼ାଇ ଦେବା ସମ୍ପୂର୍ଣ୍ଣ ଅସାମ୍ବିଧାନିକ।

ବାସ୍ତବରେ, ପିମ୍ପୁଡ଼ି କିମ୍ବା କ୍ଷୁଦ୍ର ଜୀବମାନଙ୍କଠାରୁ ମାନବ ସମାଜ ଅନେକ କିଛି ଶିଖିବାର ଅଛି। ପିମ୍ପୁଡ଼ି ହେଉଛି ଆତ୍ମନିର୍ଭରଶୀଳତା, କଠୋର ପରିଶ୍ରମ, ସାମାଜିକ ଶୃଙ୍ଖଳା ଓ ଏକତାର ଏକ ଅନୁପମ ପ୍ରତୀକ। ସେମାନେ କେବେ ବାଟ ଭାଙ୍ଗି ଚାଲନ୍ତି ନାହିଁ। ପ୍ରକୃତିର ବିବର୍ତ୍ତନ ଇତିହାସକୁ ଦେଖିଲେ ଜଣାପଡ଼େ ଯେ, କୋଟି କୋଟି ବର୍ଷ ପୂର୍ବେ ପୃଥିବୀରେ ରାଜୁତି କରୁଥିବା ବିଶାଳକାୟ ଡାଇନୋସରମାନେ ପରିବେଶର ବିପର୍ଯ୍ୟୟକୁ ସହି ନପାରି ସମ୍ପୂର୍ଣ୍ଣ ଲୋପ ପାଇଗଲେ। କିନ୍ତୁ ଅସରପା, ପିମ୍ପୁଡ଼ି ଓ ଅନ୍ୟାନ୍ୟ କ୍ଷୁଦ୍ର ଜୀବମାନେ ନିଜର ଆକାର, ଆଚାର, ବ୍ୟବହାର ଓ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣି ବିବର୍ତ୍ତନ ସହ ତାଳଦେଇ ଆଜି ପର୍ଯ୍ୟନ୍ତ ବଞ୍ଚିରହିଛନ୍ତି। 'କ୍ଷୁଦ୍ର ହିଁ ସୁନ୍ଦର' – ଏହି ଦର୍ଶନ ପ୍ରମାଣ କରେ ଯେ ବିରାଟତା ନୁହେଁ, ବରଂ ଅନୁକୂଳନ ଓ ଆତ୍ମସଂଯମ ହିଁ ସ୍ଥାୟିତ୍ୱର ଚାବିକାଠି। ବେକାରୀ, ଶିକ୍ଷା ପ୍ରଣାଳୀର ତ୍ରୁଟି ଏବଂ ଭ୍ରଷ୍ଟାଚାର ବିରୋଧରେ ଅସନ୍ତୁଷ୍ଟ ଯୁବପିଢ଼ି 'ଅସରପା' ଭଳି ସାଧାରଣ ଜୀବକୁ ପ୍ରତୀକ କରି 'ଅସରପା ଜନତା ଦଳ' ନାମରେ ଏକ ନୂଆ ପ୍ରତିବାଦୀ ଚେତନା ସୃଷ୍ଟି କରିଛନ୍ତି। ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିବା ଏହି ସ୍ୱର ଆଜି ଗଣଆନ୍ଦୋଳନର ରୂପ ନେଉଛି। କିନ୍ତୁ କେବଳ ରାସ୍ତାରେ ହୋହଲ୍ଲା କରିବା କିମ୍ବା ବ୍ୟଙ୍ଗାତ୍ମକ ନାରା ଦେବା ଦ୍ୱାରା ଶାସନ କିମ୍ବା ପ୍ରଶାସନରେ ସୁଧାର ଆସିପାରିବ ନାହିଁ। କୌଣସି ବିପ୍ଲବ ଯଦି ସଂଗଠିତ ଢାଞ୍ଚା, ନିରପେକ୍ଷତା ଏବଂ ସଠିକ୍ ଦିଗଦର୍ଶନ ନପାଏ, ତେବେ କାଳକ୍ରମେ ତାହା ଜନମାନସରୁ ହଜିଯାଏ। ପ୍ରଶ୍ନପତ୍ର ପ୍ରଘଟ ହେଉ କିମ୍ବା ନ୍ୟାୟପାଳିକାର ଅସ୍ୱଚ୍ଛତା, ଏସବୁ ବ୍ୟବସ୍ଥାଗତ ଅବକ୍ଷୟର ଲକ୍ଷଣ। କେବଳ ପଲିସି ପେପର କିମ୍ବା ରିପୋର୍ଟ ତିଆରି କରି ଲାଇବ୍ରେରୀରେ ରଖିଦେଲେ ସମସ୍ୟା ଟଳିଯିବ ନାହିଁ। ଶିକ୍ଷାବିତ୍, ଆଇନଜ୍ଞ, ପଲିସି ବିଶାରଦ ଏବଂ ଶାସକବର୍ଗ ଏକାଠି ବସି ସମସ୍ୟାର ମୂଳୋତ୍ପାଟନ ପାଇଁ ସମୟାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ନିହାତି ଆବଶ୍ୟକ। ନଚେତ୍ ଶାସନ ପ୍ରଣାଳୀରେ ସଂସ୍କାର ଆଣିବା ପାଇଁ ଲୋକଙ୍କ ଆକ୍ରୋଶ ଆହୁରି ଉଗ୍ର ରୂପ ଧାରଣ କରିବ। ଏହି ଶିକ୍ଷା ଓ ନ୍ୟାୟିକ ସଂକଟ କେବଳ ଏକ ସାମ୍ପ୍ରତିକ ରାଜନୈତିକ ସମସ୍ୟା ନୁହେଁ, ବରଂ ଏହା ଭାରତୀୟ ଗଣତନ୍ତ୍ରର ଗଭୀର ବ୍ୟବସ୍ଥାଗତ ଅସୁସ୍ଥତାକୁ ଦର୍ଶାଉଛି। ଯେଉଁ ଦେଶରେ ନିଜ ହକ୍ ପାଇଁ ପ୍ରତିବାଦ କରୁଥିବା ଛାତ୍ର ଏବଂ ସାଧାରଣ ନାଗରିକଙ୍କୁ ହୀନ ମାନସିକତାର ସହ ଆକ୍ଷେପ କରାଯାଏ, ସେଠାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ବିପନ୍ନ ହୋଇପଡ଼େ। ଗୋଟିଏ ପଟେ ବେକାରୀ ଓ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ଯୁବପିଢ଼ିର ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତି କରୁଥିବା ବେଳେ, ଅନ୍ୟପଟେ କୋର୍ଟକଚେରୀରେ ନ୍ୟାୟ ଅପେକ୍ଷାରେ ପିଢ଼ି ପରେ ପିଢ଼ି ବିତିଯାଉଛି। ଏପରି ସ୍ଥିତିରେ ପ୍ରଶାସନିକ ବ୍ୟବସ୍ଥା ନିଜର ଦାୟିତ୍ୱ ଏଡ଼ାଇ ଦେଇ ନପାରେ।

ଇତିହାସ ପ୍ରମାଣ ଦିଏ ଯେ, ଜନସାଧାରଣଙ୍କ ସ୍ୱରକୁ ଅଣଦେଖା କଲେ ଅସନ୍ତୋଷର ନିଆଁ ବ୍ୟାପିବା ସ୍ୱାଭାବିକ। କ୍ଷମତାରେ ଥିବା ଶାସକବର୍ଗ ମନେରଖିବା ଉଚିତ ଯେ ସାଧାରଣ ନାଗରିକ ନିଷ୍କ୍ରିୟ ନୁହନ୍ତି; ସେମାନେ ନିଜ ନିଜ ସ୍ତରରେ ବିବର୍ତ୍ତନ ଓ ପ୍ରତିରୋଧର କୌଶଳ ଶିଖିସାରିଛନ୍ତି। ଯୁବ ଆନ୍ଦୋଳନଗୁଡ଼ିକୁ କେବଳ ବ୍ୟଙ୍ଗ କିମ୍ବା ରାଜନୈତିକ ଆକ୍ରୋଶ ଭାବେ ନଦେଖି, ସେଗୁଡ଼ିକ ପଛରେ ଥିବା ପ୍ରକୃତ କାରଣଗୁଡ଼ିକର ସମାଧାନ କରିବା ଜରୁରୀ। ନ୍ୟାୟପାଳିକାରେ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ସହ ଶିକ୍ଷା କ୍ଷେତ୍ରରେ ବ୍ୟାପକ ଆମୂଳଚୂଳ ସଂସ୍କାର ଆଣିବା ଏବେ ସମୟର ଆହ୍ୱାନ।

ଯଦି ସରକାର ଏବଂ ନୀତି ନିର୍ଦ୍ଧାରକମାନେ କେବଳ ରିପୋର୍ଟ ପ୍ରସ୍ତୁତିରେ ସୀମିତ ନରହି ବାସ୍ତବ ପଦକ୍ଷେପ ନନିଅନ୍ତି, ତେବେ ଏହି ଆନ୍ଦୋଳନଗୁଡ଼ିକ ଆଗାମୀ ଦିନରେ ଅଧିକ ସଂଗଠିତ ଓ ଉଗ୍ର ରୂପ ନେବ। କ୍ଷୁଦ୍ର ଶକ୍ତିକୁ ହେୟଜ୍ଞାନ କରିବା ବଦଳରେ ସେମାନଙ୍କ ସ୍ୱରକୁ ସମ୍ମାନ ଦେବା ଏକ ସୁସ୍ଥ ଗଣତନ୍ତ୍ରର ଲକ୍ଷଣ। ଆଜିର ଯୁବ ସମାଜ ବାସ୍ତବିକ ପରିବର୍ତ୍ତନ ଚାହୁଁଛି, କେବଳ ପ୍ରତିଶ୍ରୁତି ନୁହେଁ। ତେଣୁ, ଆଜିର ଏହି ଆହ୍ୱାନକୁ ସ୍ୱୀକାର କରି ବ୍ୟବସ୍ଥାଗତ ସୁଧାର ଆଣିବା ପାଇଁ ଶାସକ, ଆଇନଜ୍ଞ ଓ ସମାଜବିତ୍ ସମସ୍ତେ ଏକାଠି ହେବା ନିହାତି ଆବଶ୍ୟକ।

# ବିଶ୍ୱ କ୍ରୀଡ଼ା ସମାଜର ସାଥି ସାର ସୋବର୍ସ

ମିହିର ପ୍ରତାପ ଦାସ

ସୀମିତ ଓଭର କ୍ରିକେଟର ବିଶ୍ୱକପ ୧୯୭୫ରେ ବ୍ରିଟେନରେ ଆରମ୍ଭ ହୁଏ। ପ୍ରଥମ ଦୁଇଟି ସଂସ୍କରଣ ୱେଷ୍ଟଇଣ୍ଡିଜ କରଗତ କରି ସାରିଥିଲା। କ୍ଲାଇବ ଲଏଡଙ୍କର ବାହିନୀ ତୃତୀୟ ଥର ବିଶ୍ୱ ବିଜେତା ହେବେ ଏହା ଆକଳନ ହୋଇ ସାରିଥିଲା। କେବଳ କିଏ ସେମିଫାଇନାଲକୁ ଯିବେ ସେହି ପ୍ରସଙ୍ଗ ପାଇଁ ସମ୍ବାଦ ପତ୍ର ଆଲୋଚନା କରୁଥାନ୍ତି। ପୂର୍ବ ଦୁଇଟି ବିଶ୍ୱବକପରେ ଭାରତ ନିମ୍ନମାନର ପ୍ରଦର୍ଶନ କରିଥିଲା। ଏଣୁ କମ ଗୁରୁତ୍ୱ ପାଉଥିଲା। ପ୍ରତିଯୋଗିତା ଆରମ୍ଭ ହେବାର ଦୁଇ ସପ୍ତାହ ପୂର୍ବରୁ ଦଳ ଗୁଡିକ ଇଂଲଣ୍ଡରେ ଆସ୍ଥାନ ଜମାଇ ସାରିଥିଲେ। ଭାରତର ସହିତ ପ୍ରାଥମିକ ମୁକାବିଲା ୱେଷ୍ଟଇଂଣ୍ଡିଜ ସହିତ ଥିଲା। ସ୍ୱଦ୍ଧ୭ାର ପୂର୍ବ ସନ୍ଧ୍ୟାରେ ସାର ଗ୍ୟାରଫିଲଡ ସୋବର୍ସ ଅଧିନାୟକ କ୍ଲାଇବ ଲଏଡଙ୍କୁ ସାକ୍ଷାତ କରିଥିଲେ ଓ କହିଥିଲେ ଭାରତର ପୂର୍ବ ଖେଳ ପ୍ରଦର୍ଶନର ଇତିହାସକୁ ଭୂଲିଯାଅ। ବିଶ୍ୱକପ ପାଇଁ ଖେଳିବାକୁ ଆସିଥିବା ସେମାନଙ୍କର ପ୍ରତିଟି ଖେଳାଳୀଙ୍କର ବ୍ୟାଟିଂ ଆଭରେଜ ପଚିଶରୁ ଅଧିକ। ଏଣୁ ସତର୍କ ରୁହ। ଏହି ଭବିଷ୍ୟତ ବାଣୀ ସତ ହେଲା। କିନ୍ତୁ ଏକଥା ଜାଣିଥିବା ଲୋକ ପେଟ ଭିତରେ କଥାକୁ ରଖି ଦେଲେ। କାରଣ ସୋବର୍ସ ସେ ସମୟରେ ଥିଲେ ଶ୍ରୀଲଙ୍କା ଦଳର କୋଚ। ଏଣୁ ଅନ୍ୟ କୌଣସି ଦଳକୁ ପରାମର୍ଶ ଦେବା ତାଙ୍କ ପାଇଁ ଅନୁଚିତ ଥିଲା। ଅନେକ ପରେ କ୍ଲାଇବ ଲଏଡ ଏହା ପ୍ରକାଶ କରିଲେ। ସୋବର୍ସ ମଧ୍ୟ କହିଲେ ଯେ ସେ ନିଜ ଦେଶ ପାଇଁ ଭାବ ପ୍ରବଣ ହୋଇ ଯାଇଥିଲେ। ଅଷ୍ଟ୍ରେଲିଆର ଡନ ବ୍ରାଡମ୍ୟାନ କ୍ରିକେଟର ମହାନ ଖେଳାଳୀ। ୧୯୨୮ ମସିହାରୁ ୧୯୪୮ ପର୍ଯ୍ୟନ୍ତ ସେ ଅଷ୍ଟ୍ରେଲିଆକୁ ପ୍ରତିନିଧିତ୍ୱ କରିଥିଲେ। ମାତ୍ର ବାଉନଟି ଟେଷ୍ଟ ଖେଳି ଅଣତିରିଶଟି ଟେଷ୍ଟ ଶତକ ହାସଲ କରିଥିଲେ। ସେ ସାର ଗ୍ୟାର ଫିଲଡ ସୋବର୍ସଙ୍କ ଠାରୁ ଅଠେଇଶ ବର୍ଷ ବଡ। ତାଙ୍କର ଅବସର ନେବାର ପାଞ୍ଚ ବର୍ଷ ପରେ ସୋବର୍ସ ଟେଷ୍ଟ କ୍ରିକେଟରେ ଖେଳିବାକୁ ସୁଯୋଗ ପାଇଥିଲେ। ବ୍ରାଡମ୍ୟାନଙ୍କର ଭାଷାରେ ସୋବର୍ସ ଥିଲେ ଗୋଟିଏ ମଣିଷ ଶରୀରରେ ପାଞ୍ଚଟି ଖେଳାଳୀଙ୍କର ପ୍ରତିଭା। ୧୯୩୬ ମସିହା ବର୍ଲିନ ଅଲମ୍ପିକରେ ଭାରତ ହକି ସ୍ୱର୍ଣ୍ଣ ହାସଲ କରିବାର ମାତ୍ର ସତର ଦିନ ପୂର୍ବରୁ ଭୂମିଷ୍ଠ ହୁଅନ୍ତି ଗ୍ୟାର ଫିଲଡ। ବାପା ସାମାଣ୍ଟୋ ମାତା ଥାଲେମା। ଜନ୍ମ ସ୍ଥାନ ବରବୋଡସର ବ୍ରିଜ ଟାଉନ। ତାଙ୍କର ଜ୍ଞାନ ପାଇବା ପୂର୍ବରୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ଧାର ଘୋଟି ଆସେ ସମଗ୍ର ପୃଥିବୀ ଉପରେ। ସେନା ବାହିନୀରେ ଥାଇ ବାପା ସାମୋଣ୍ଟ ଜର୍ମାନ ଇଉବୋଟ ଆଘାତରେ ପ୍ରାଣ ହରାନ୍ତି। ସେତବେଳକୁ ସୋବର୍ସଙ୍କୁ ମାତ୍ର ପାଞ୍ଚ ବର୍ଷ। ଛଅଜଣ ପିଲାଙ୍କୁ ମଣିଷ କରିବାକୁ ମାତା ଥେଲେମା ନିଷ୍ପାପର ଉଦ୍ୟମ କରିଚାଲନ୍ତି। ବାଲ୍ୟକାଳରୁ ଗ୍ୟାର ଫିଲଡ କ୍ରିକେଟ, ଫୁଟବଲ ଓ ବାସ୍କେଟବଲ ଖେଳରେ ମାତି ଯାଆନ୍ତି। କିଶୋର କ୍ରିଡାବିତ ଭାବରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରନ୍ତି। ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖା ହୁଏ। ସେ ଓ ତାଙ୍କର ଭାଇଙ୍କର ଏକାଗ୍ର ଉଦ୍ୟମରେ ତାଙ୍କ ବିଦ୍ୟାଳୟ କ୍ରିକେଟରେ ତିନି ବର୍ଷ ଆନ୍ତଃବିଦ୍ୟାଳୟ ବିଜେତା ହୁଏ। ତେର ବର୍ଷ ବୟସରେ ସେ ବରବୋଡାସ ଲିଗରେ ଖେଳିବାକୁ ସୁଯୋଗ ପାଆନ୍ତି। କଠିଣ କରିଶ୍ରମ କରି ନିଜର ଦେଶକୁ ପ୍ରତିନିଧିତ୍ୱ କରିବାକୁ ପ୍ରସ୍ତୁତ ହୁଅନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଷୋହଳ ବର୍ଷ ବୟସରେ ଖେଳିବାର ସୁଯୋଗ ପାଆନ୍ତି ନବମ ସ୍ଥାନରେ ବ୍ୟାଟିଂ କରି ସାତ ରନ ସ୍କୋର କରି ନଟ ଆଉଟ ରୁହନ୍ତି। ଦୁଇଟି ଇନିଙ୍ଗସରେ ସାତଟି ଉଇକେଟ ଅକ୍ତିଆର କରନ୍ତି। ଦ୍ୱିତୀୟ ଆନ୍ତଃର୍ଜାତୀୟ ସ୍ପର୍ଦ୍ଧାରେ ସ୍ଥାନ ପାଇବାକୁ ଆଉ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡିଲା। ସେ ଧୈର୍ଯ୍ୟର ସହିତ ନିଜର ଅଭ୍ୟାସ ଜାରୀ ରଖିଥିଲେ। ସତର ବର୍ଷ ବୟସରେ ସେ ମେଲବୋର୍ଣ୍ଣ କ୍ରିକେଟ କ୍ଲବ ବିରୁଦ୍ଧରେ ଖେଳି ଦୁଇଟି ଉଇକେଟ ଅଧିକାର କରିଥିଲେ। ଦୁଇଟି ଇନିଙ୍ଗସରେ ପଞ୍ଚମ ଡାଉନରେ ତେସ୍ତରି ରନ କରିଥିଲେ। ଟେଷ୍ଟ କ୍ରିକେଟରେ ଖେଳିବାକୁ ସେ ଯୋଗ୍ୟ ବିବେଚିତ ହୋଇ ଗଲେ। ୧୯୫୪ ମସିହାରେ ଇଂଲଣ୍ଡ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇଥିଲା। ଆଲଫ ଭାଲେଣ୍ଟିନଙ୍କ ଶରୀର ଅସୁସ୍ଥ ହେବାରୁ ଶେଷ ଟେଷ୍ଟରେ ସୋବର୍ସ ସ୍ଥାନ ପାଇଲେ। ମ୍ୟାଚ ହାରିଲେ ହେଲେ ସେ ଚାରିଗୋଟି ଉଇକେଟ ଅଧିକାର କରି ଦୁଇଟି ଇନିଙ୍ଗସରେ ଚାଳିଶ ରନ କରି ଅପରାଜିତ ରହି ନିଜର ସ୍ଥାନ ଦଳରେ ସୁଦୃଢ କରି ନେଇ ଥିଲେ। ସେହି ବର୍ଷ ଅଷ୍ଟ୍ରେଲିଆ ଦଳ ଇଆନ ଜନସନଙ୍କ ନେତୃତ୍ୱରେ ତାଙ୍କର ଦେଶକୁ ଗସ୍ତରେ ଆସିଲା। ପ୍ରଥମ ଟେଷ୍ଟରେ ସୋବର୍ସ ଦଳରେ ସ୍ଥାନ ପାଇ ନ ଥିଲେ। ଅଷ୍ଟ୍ରେଲିଆର ଦଳର ସଦସ୍ୟ ଥିଲେ କେଥମିଲର । ତାଙ୍କୁ ଅଷ୍ଟ୍ରେଲିଆ ଶ୍ରେଷ୍ଠ ଅଲରାଉଣ୍ଡର ଆଜି ମଧ୍ୟ ସ୍ୱିକାର କରାଯାଏ। ସେ ସୋବର୍ସଙ୍କର ଦକ୍ଷତାକୁ ଉପଲବଧି କରି ବ୍ୟାଟିଂ କ୍ଷେତ୍ରରେ ଅଧିକ ସୁଯୋଗ ଦେବାକୁ ପ୍ରକାଶ କରି ଥିଲେ। ସୋବର୍ସ ପରବର୍ତ୍ତି ଟେଷ୍ଟରେ ଦଳରେ ସ୍ଥାନ ପାଇଲେ କିନ୍ତୁ ଆଶାନୁରୁପ ପ୍ରଦର୍ଶନ କରି ପାରି ନ ଥିଲେ। ତୃତୀୟ ଟେଷ୍ଟରେ ୱେଷ୍ଟ ଇଣ୍ଡିଜର କ୍ୟାପଟେନ ଜେଫ ଷ୍ଟୋଲ ମେୟର ଙ୍କର ଆଣ୍ଠୁରେ ଆଘାତ ଲାଗିଲା। ସେ ଓପନିଂ ବ୍ୟାଟିଂ କରୁଥିଲେ। ସୋବର୍ସଙ୍କ ଉପରେ ଓପନିଂ କରିବା ଦାୟୀତ୍ୱ ପଡିଲା। ରଏ ଲିଣ୍ଡଉଆଲ, ଆଲାନ ଡେଭିସେନ, କେଥ ମିଲରଙ୍କ ପରି ଦୃଢ ବୋଲରଙ୍କୁ ସାମନା କରିବା କାଠିକର ପାଠ ଥିଲା। ସୋବର୍ସ ପ୍ରଥମେ ଆତଙ୍କିତ ଥିଲେ। କିନ୍ତୁ ସାହାସ ବାନ୍ଧି ପଡିଆକୁ ପ୍ରବେଶ କରିଲେ। ଆଉଟ ହେବା ପୂର୍ବରୁ ତେଇଆଳିସି ରନ କରିଥିଲେ। ଓପନର ବ ହୋଇ ସୁନ୍ଦର ପ୍ରଦର୍ଶନ କରିଥିବାରୁ ପ୍ରଶଂସା ଭାଜନ ହୋଇ ଥିଲେ। ଟେଷ୍ଟଟି ଅମିସାଂଶୀତ ରହିଲା। ପରବର୍ତ୍ତି ଦୁଇଟି ଟେଷ୍ଟ ଅମିମାଂଶୀତ ରହିଲା। ସୋବର୍ସଙ୍କର ପ୍ରଦର୍ଶନ ଉଚ୍ଚକୋଟୀର ନ ଥିଲା କିନ୍ତୁ ଦଳର ସାଥିମାନଙ୍କଠାରୁ ଉନ୍ନତ ଥିଲେ। ୱେଷ୍ଟଇଣ୍ଡିଜ ଦଳର ମେରି ଖୁଣ୍ଟ ତ୍ରୟୀ ଡବ୍ଲ୍ୟୁ ଓ୍ୟାଲକଟ, ୱିକସ, ୱରେଲ ଧୀରେ ଧୀରେ ନବ ଯୁବକ ସୋବର୍ସ ଉପରେ ନିର୍ଭରଶୀଳ ହୋଇ ଗଲେ। ପ୍ରଥମ ନିଉଜିଲ୍ୟାଣ୍ଡ ଗସ୍ତରେ ସେ ଆଶାନୁରୁପ ପ୍ରଦର୍ଶନ କରି ପାରି ନ ଥିଲେ। ତିନି ବର୍ଷର ସଂଘର୍ଷ ପରେ ବାଇଶ ଗୋଟି ଇନିଙ୍ଗସ ଖେଳିଲା ପରେ ସେ ପ୍ରଥମ ଶତକ ହାସଲ କରିଥିଲେ। ୧୯୫୮ ମସିହାରେ ପାକିସ୍ତାନ ବିରୁଦ୍ଧରେ ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ। ସେ ତେୟାନବେଟି ଟେଷ୍ଟ ଖେଳି ଛବିଶଟି ଶତକ ହାସଲ କରିଥିଲେ। ଲେନ ହୁଟନଙ୍କ ୧୯୩୮ ମସିହାରୁ କାଏମ ଥିବା ଶ୍ରେଷ୍ଠ ରନ ସ୍କୋର ରେକର୍ଡକୁ ଭାଙ୍ଗି ୩୬୫ ରନ କରି ନଟ ଆଉଟ ରହି ଥିଲେ। ଦୁଇଶହ ପଇଁତିରିଶ ଉଇକେଟ ହାସଲ କରି ଥିଲେ। ଆଠ ହଜାର ବତିଶ ସମୁଦାୟ ରନ ସ୍କୋର କରିଥିଲେ। ଏକ ଶହ ନଅ ଗୋଟି କ୍ୟାଚ ନେଇ ଥିଲେ। ୧୯୬୫ଠାରୁ ୧୯୭୬ ପର୍ଯ୍ୟନ୍ତ ନିଜ ଦେଶ କ୍ରିକେଟ ଦଳର ଅଧିନାୟକ ଥିଲେ। ୧୯୭୪ରେ ଖେଳରୁ ଅବସର ନେଇ ଥିଲେ। ବିଂଶ ଶତାବ୍ଦୀର ଷାଠିଏ ଦଶକର ଶେଷ ଭାଗକୁ ବ୍ୟାଟସ ମ୍ୟାନ ଯୁଗକୁ ଅତିକ୍ରମ କରି ବୋଲର ଯୁଗ ଧସେଇ ପଶି ଆସିଲା। ଅଷ୍ଟ୍ରେଲିଆର ଲିଲି, ଥମସନ, ୱେଷ୍ଟଇଣ୍ଡିଜର ହଲ, ହୋଲଡିଂ,ରାମାଧିନ, ଇଂଲଣ୍ଡର ବବ ଉବଲ୍ଟ, ଲିଭର ଆଦି ବୋଲର ଟେଷ୍ଟ କ୍ରିକେଟକୁ ପ୍ରାୟ ଆଠ ବର୍ଷ ନିୟନ୍ତ୍ରଣରେ ରଖିଲେ। କିନ୍ତୁ ସତୁରୀ ଦଶକରେ ଆବିର୍ଭାବ ହେଲେ ପାକିସ୍ତାନର ଇମ୍ରାନ ଖାଁ, ଇଂଲଣ୍ଡର ଇଆନ ବୋଥାମ, ଭାରତର କପିଳଦେବ, ନିଉଜିଲ୍ୟାଣ୍ଡର ରିଚାର୍ଡହାଡଲୀଙ୍କ ପରି ଅଲରାଉଣ୍ଡର ମାନଙ୍କର। ଅଶି ଦଶକ ଓ ନବେ ଦଶକରେ ଅଲରାଉଣ୍ଡର ଖେଳାଳୀଙ୍କର ଚାହିଦା ବଢିଲା। ଦକ୍ଷିଣ ଆଫ୍ରିକାର କାଲିସଙ୍କ ପରି ଖେଳର ସବୁ ବିଭାଗରେ ଦକ୍ଷତା ଥିବା ତାରକାଙ୍କୁ ବିଶ୍ୱ ଦେଖିଲା। ସଚିନ ତେନ୍ଦୁଲକରଙ୍କ ପରି ବ୍ୟାଟସ ମ୍ୟାସ ଆସିଲେ। ଦକ୍ଷିଣ ଆଫ୍ରିକାର ମ୍ୟାକ ଡୋନାଲ ପରି ବୋଲର ଓ ଝଣ୍ଟିରୋଡସ ପରି ଦକ୍ଷ ଫିଲଡରଙ୍କୁ ବିଶ୍ୱ ଦେଖିଲା। କିନ୍ତୁ ସାର ଗ୍ୟାର ଫିଲଡ ସୋବର୍ସଙ୍କୁ କେହି କୌଣସି କ୍ଷେତ୍ରରେ ଅତିକ୍ରମ କରି ପାରି ନାହାଁନ୍ତି। ବ୍ୟାଟସମ୍ୟାନ ଭାବରେ ସେ ଓପନର ଭାବରେ ଖେଳି ଥିଲେ। ଅନ୍ତିମ ଡାଉନରେ ମଧ୍ୟ ବ୍ୟାଟିଂ କରିଥିଲେ। ସବୁଠାରେ ସୁନ୍ଦର ପ୍ରଦର୍ଶନ କରିଥିଲେ। ପେସବୋଲିଂ, ସ୍ପିନ ବୋଲିଂ ନିଖୁଣ ଭାବରେ କରି ପାରିଥିଲେ। କେତେ ଥର ଉଇକେଟ କିପରର ଭୂମିକା ନିର୍ବାହ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ବିଶ୍ୱ ଏକାଦଶର ଅଧିନାୟକ କରିବା ବେଳେ ଭାରତର ସୁନିଲ ଗଭାସ୍କର ପାକିସ୍ତାନର ଜାହିର ଆବାସ, ଇଂଲଣ୍ଡର ବୟକଟ ତାଙ୍କର ଅଧିନରେ ଖେଳିଥିଲେ। ସୋବର୍ସଙ୍କର ମାର୍ଗ ଦର୍ଶନ ସେମାନଙ୍କୁ ଖେଳ ଜଗତରେ ପ୍ରତିଷ୍ଠିତ କରାଇ ଥିଲା ବୋଲି ସମସ୍ତେ ସ୍ୱୀକାର କରନ୍ତି। ସାର ଗ୍ୟାର ଫିଲଡ ସୋବର୍ସ ବାସ୍ତବ ଜୀବନରେ ଜଣେ ଆଦର୍ଶ ଖେଳାଳୀ ଆଦର୍ଶ ପ୍ରଶିକ୍ଷକ ଓ ଆଦର୍ଶ ଶିଷ୍ୟ ଥିଲେ। ଗତ ୨୦୨୬ ଜୁଲାଇ ୧୭ ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଛି।

ମୋ.ନଂ-୯୯୩୭୮୬୩୫୨୮

ଜାତୀୟ ଚେତନା
JATIYA CHETANA



# ଫାର୍ମାସୀ କ୍ୟାଡରର ପୁନର୍ଗଠନ ସହ ଜବ୍ ଚାର୍ଟ ପ୍ରସ୍ତୁତ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଲୋକାଭିମୁଖୀ କରିବା ଦିଗରେ ଫାର୍ମାସୀ ସେବାର ଗୁରୁତ୍ୱକୁ ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି। ଏହି କ୍ରମରେ ଦୀର୍ଘ ୩୯ ବର୍ଷର ଦାବିକୁ ସମ୍ମାନ ଜଣାଇ ଫାର୍ମାସି କ୍ୟାଡରର ପୁନର୍ଗଠନ ସହ ଫାର୍ମାସିଷ୍ଟମାନଙ୍କ ପାଇଁ ଜବ୍ ଚାର୍ଟ ପ୍ରସ୍ତୁତ କରାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କହିଛନ୍ତି। ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସାଧାରଣ ପରିଷଦ ବୈଠକ ତଥା ଏକଦିବସୀୟ ବାର୍ଷିକ ରାଜ୍ୟ ସମ୍ମିଳନୀରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଏହା କହିଛନ୍ତି।



ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଥିଲେ, "ଫାର୍ମାସୀ କ୍ୟାଡରର ପୁନର୍ଗଠନ ଦୀର୍ଘ ୩୯ ବର୍ଷର ଦାବି ଥିଲା। ଏହି ଦାବିକୁ ସମ୍ମାନ ଜଣାଇ ଆମ ସରକାର ଫାର୍ମାସୀ କ୍ୟାଡରର ପୁନର୍ଗଠନ କରିଛନ୍ତି। ଏଥିସହ ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ଓ ଦାୟିତ୍ୱକୁ ସ୍ପଷ୍ଟ କରିବା ପାଇଁ ଜବ୍ ଚାର୍ଟ ପ୍ରସ୍ତୁତ କରାଯାଇଛି। ଏହା ଫାର୍ମାସିଷ୍ଟ ସମୁଦାୟ ପାଇଁ ଏକ ଐତିହାସିକ ପଦକ୍ଷେପ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ମାନବସମ୍ବଳକୁ ସୁଦୃଢ଼ କରିବା ସହ ପ୍ରତ୍ୟେକ ବର୍ଗର ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱ ଓ ଅଧିକାରକୁ ଗୁରୁତ୍ୱ ଦେଇଆସୁଛନ୍ତି। ଫାର୍ମାସୀ କ୍ୟାଡରର ପୁନର୍ଗଠନ ଏହି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟରେ ଔଷଧ ସେବାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ୧୧୦୮ ନୂତନ ଫାର୍ମାସୀ ଅଧିକାରୀ ପଦବୀରେ ନିଯୁକ୍ତି ପାଇଁ ଅନୁମୋଦନ ହୋଇସାରିଛି। ଏହି ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ୨୦ଟି ରାଜ୍ୟରେ ଲାଗୁ ହୋଇଥିବା ଫାର୍ମାସିଷ୍ଟ କାଉନସିଲ୍ ଅଫ୍ ଇଣ୍ଡିଆ-ନିଯୁକ୍ତି ଓ ପଦୋନ୍ନତି ସେବା-୨୦୨୫ କୁ ଲାଗୁ ନିମନ୍ତେ ଆସୋସିଏସନ କରିଥିବା ଦାବିକୁ ସରକାର ଗୁରୁତ୍ୱର ସହ ବିଚାରକୁ ନେଇଛନ୍ତି। ଫାର୍ମାସୀ ଅଧିକାରୀମାନଙ୍କ କାର୍ଯ୍ୟ ଓ ଦାୟିତ୍ୱକୁ ଅଧିକ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ସେମାନଙ୍କ କାର୍ଯ୍ୟ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ବିଭାଗ ତରଫରୁ ଜଣାଇ ଦିଆଯାଇଛି ବୋଲି ମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି। ଫାର୍ମାସିଷ୍ଟମାନେ ରୋଗୀଙ୍କୁ ଔଷଧ ପ୍ରଦାନ, ଔଷଧର ସୁରକ୍ଷିତ ବ୍ୟବହାର, ଔଷଧ ସମ୍ପର୍କିତ ପରାମର୍ଶ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି। ତେଣୁ ଫାର୍ମାସୀ ସେବାକୁ ମଜଭୁତ କରିବା ଦ୍ୱାରା ରାଜ୍ୟର ସମଗ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଆହୁରି ଉନ୍ନତମାନର ହେବ ବୋଲି ସେ କହିଥିଲେ। ଫାର୍ମାସୀ କ୍ୟାଡରର ପୁନର୍ଗଠନ ଓ ଜବ୍ ଚାର୍ଟ ପ୍ରସ୍ତୁତି ଦ୍ୱାରା ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ଓ ଦାୟିତ୍ୱରେ ସ୍ପଷ୍ଟତା ଆସିବା ସହ ସେମାନଙ୍କ ପେଶାଗତ ଉନ୍ନତି ଓ କ୍ୟାରିୟର ପ୍ରଗତିର ନୂଆ ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ଫାର୍ମାସୀ କ୍ୟାଡରର ପୁନର୍ଗଠନ, ଜବ୍ ଚାର୍ଟ ପ୍ରସ୍ତୁତି ଏବଂ ୧୧୦୮ ନୂତନ ଫାର୍ମାସି ଅଧିକାରୀ ପଦବୀକୁ ଅନୁମୋଦନ ଦେଇଥିବାରୁ ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ ପକ୍ଷରୁ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଥିଲା।

# ବନ୍ୟା ପାଣି ଛାଡ଼ିନି, ପୁଣି ବର୍ଷା



ଭୁବନେଶ୍ୱର,(ଜା.ପ୍ର): ବନ୍ୟା ଦୁର୍ଦ୍ଦଶା ନକମୁଣୁ ପୁଣି ଲଘୁଚାପ ପ୍ରଭାବରେ ଲାଗି ରହିଛି ବର୍ଷା। ଗତକାଲିଠୁ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବାବେଳେ ଆଜି ଉତ୍ତର ଓଡ଼ିଶାରେ ପୁଣି ବର୍ଷିଛି। ଫଳରେ ବାଲେଶ୍ୱର ସହରରେ ପୁଣି ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ଭଦ୍ରକ, ଯାଜପୁର ଲୋକଙ୍କ ମନରେ ଛନକା ପଶିଛି। ସେପଟେ ପ୍ରବଳ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜମି ରହିଛି ପାଣି।

ଜଳବନ୍ଦୀ ଅବସ୍ଥାରୁ ମୁକ୍ତି ମିଳିଛି କି ନାହିଁ ବାଲେଶ୍ୱର ସହରବାସୀଙ୍କୁ ପୁଣି ଆକ୍ରାନ୍ତ କରିଛି ବର୍ଷା। ଲଘୁଚାପ ପ୍ରଭାବରେ ସକାଳ ୮ଟା ୭୭ ଦଶମିକ ୨ ମିଲିମିଟର ରେକର୍ଡ ବର୍ଷା ହେବା କାରଣରୁ ସହରରେ ସୃଷ୍ଟି ହୋଇଛି ଜଳବନ୍ଦୀ ସ୍ଥିତି। କିଛି ସ୍ଥାନରେ ଲୋକଙ୍କ ଘର ଭିତରେ, ଦୋକାନରେ ପାଣି ପଶିଥିବାବେଳେ ରାସ୍ତା ଉପରେ ଲହଡ଼ି ମାରିଛି ବର୍ଷା ପାଣି।

ସୁବର୍ଣ୍ଣରେଖାରେ ବନ୍ୟା ପାଣିରେ ଏବେ ବି ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ହଜାର ହଜାର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଭୋଗରାଇ ବ୍ଲକର ପ୍ରାୟ ୧୨ଟି ପଞ୍ଚାୟତ ପାଣି ଘେରରେ ରହିଛି। ଯୁଆଡ଼େ ଚାହିଁବ ଖାଲି ପାଣି ଆଉ ପାଣି। କେଉଁଟା ରାସ୍ତା, କେଉଁଟା ପୋଖରୀ, କେଉଁଟା ଚାଷ ଜମି ତାହା ଜାଣିବା ମୁସ୍କିଲ ହୋଇପଡ଼ିଛି। ପାଣି କମୁଥିବାବେଳେ ଭାଙ୍ଗି ପଡିଥିବା ଘର ଦେଖି ଗୁମୁରି କାନ୍ଦୁଛନ୍ତି ବିପନ୍ନ। ଚାଷୀ ମୁଣ୍ଡରେ ହାତ ଦେଇଛି। ସୁବର୍ଣ୍ଣରେଖା ନଈ ଫୁଲିବା ପରେ ବାଲିଆପାଳ ବ୍ଲକର ୧୫ଟି ପଞ୍ଚାୟତରେ ପାଣି ପଶିଥିଲା। ଜଳସ୍ତର କମିବା ପରେ ଘରକୁ ଫେରୁଛନ୍ତି ଲୋକେ। ଘର ସଜାଡ଼ିବାରେ ଲାଗିଛନ୍ତି। ହେଲେ, ଆଉ ଏକ ଲଘୁଚାପ କଥା ଶୁଣି ଆତଙ୍କିତ ହୋଇ ପଡ଼ିଛନ୍ତି ଘାଇ ମୁହଁରେ ପଡୁଥିବା ଗ୍ରାମବାସୀ। ବନ୍ୟାରେ ଚଳିତ ବର୍ଷ ସବୁଠୁ ଅଧିକ ପ୍ରଭାବିତ ହୋଇଛି ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ। କାଳ ସାଜିଛି କାଣୀ ଓ ବୈତରଣୀ ନଈ। ବାରମ୍ବାର ବନ୍ୟା ଆସି ଉଜାଡ଼ି ଦେଇଛି ଚାଷ ଜମି। ଶହ ଶହ ଘର ଭାଙ୍ଗିଛି। ସେପଟେ ବରୀ ଅଞ୍ଚଳର ବହୁ ଗାଁ ଏବେ ବନ୍ୟା ପାଣି ଘେରରେ ରହିଛି। ବନ୍ୟା ବିପନ୍ନଙ୍କ ଭରସା ସାଜିଛି କଦଳୀ ଭେଳା। ଉତ୍ତରଓଡ଼ିଶା ପରେ ଦକ୍ଷିଣଓଡ଼ିଶାରେ ଲଗାଣ ବର୍ଷା। କଳାହାଣ୍ଡି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇଛି। ହାତୀ ଓ ଇନ୍ଦ୍ରାବତୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ହାତୀ ଡ୍ୟାମରୁ ପ୍ରଥମ ବନ୍ୟା ଜଳ ନିଷ୍କାସିତ ହୋଇଛି। ଲଗାଣ ବର୍ଷାରେ ଭାଙ୍ଗିଛି ଘର୍ଲା ଜୋର ଆପ୍ରୋଚ ପୋଲ, ଠପ୍ ହୋଇଛି କଲମପୁର-ଜୁନାଗଡ଼ ଯାତାୟତ। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ଡ଼ୁଙ୍ଗରଭେଜା ମଝିରେ ଥିବା ବାଙ୍ଗିରି ପୋଲ ଉପରେ ତିନି ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତା ଦେଇ ଜିଲ୍ଲା ମୁଖ୍ୟାଳୟ ସହିତ ତିନୋଟି ପଞ୍ଚାୟତର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଲଘୁଚାପ ବର୍ଷା ଯୋଗୁଁ ନନ୍ଦପୁର ଥାନା ଅଧିନ ଲମତାପୁଟ ବ୍ଲକ ବନମାଳୀପୁଟ ପଞ୍ଚାୟତ ଗାଦିଆଝୋଲା ଗ୍ରାମରେ ସହଦେବ ନାୟକଙ୍କ ଘର ଓ ଗୁହାଳ ଭାଙ୍ଗି ଯାଇଛି। ଘର ଭିତରେ ଥିବା ପରିବାରର ୫ ଜଣ ସଦସ୍ୟ ବର୍ତ୍ତି ଯାଇଛନ୍ତି। ମାଲକାନଗିରି, ଗଜପତି ଜିଲ୍ଲାରେ ବି କାଲିଠୁ ବର୍ଷା ଲାଗି ରହିଛି।

# ଭଡ଼ା ଘରେ ଯୁବତୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,(ଜା.ପ୍ର): ସୁନ୍ଦରଗଡ଼ ସହରର ଶ୍ରୀରାମ ନଗର ଅଞ୍ଚଳରେ ଜଣେ ୨୩ ବର୍ଷୀୟା ଯୁବତୀଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତ ଯୁବତୀ ଜଣକ ସୁସ୍ମିତା ତିର୍କୀ ବୋଲି ଜଣାପଡ଼ିଛି। ସେ ଶ୍ରୀରାମ ନଗରରେ ଏକ ଭଡ଼ା ଘରେ ରହୁଥିଲେ। ସୂଚନା ଅନୁସାରେ, ସୁସ୍ମିତା ନିଜ ଓଢ଼ଣିରେ ବେକରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ସୁସ୍ମିତା ସୁନ୍ଦରଗଡ଼ ଜିଲ୍ଲା ସବଡେଗା ବ୍ଲକ୍ ଅନ୍ତର୍ଗତ ରଙ୍ଗିଆଡିପା ଗାଁର ବୋଲି ଜଣାପଡ଼ିଛି। ସୁସ୍ମିତା ଭଡ଼ା ଘରେ ରହି ଏକ ଘରୋଇ ହସ୍ପିଟାଲରେ ନର୍ସଭାବେ କାର୍ଯ୍ୟ କରୁଥିଲେ।

# ଏମ୍‌ଏମ୍‌ଡିଆର୍ ଆଇନ-୨୦୨୬ ରଦ୍ଦ ଦାବିରେ ଇଣ୍ଡିଆ ବ୍ଲକ୍



ଢେଙ୍କାନାଳ,(ଜା.ପ୍ର): ଏମ୍‌ଏମ୍‌ଡିଆର୍ ଆଇନ-୨୦୨୬କୁ ତୁରନ୍ତ ରଦ୍ଦ କରିବା ଦାବିରେ ଢେଙ୍କାନାଳରେ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳଗୁଡ଼ିକର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଗାନ୍ଧୀ ମନ୍ଦିର ନିକଟସ୍ଥ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ହୋଇଥିବା ବୈଠକରେ କଂଗ୍ରେସ, ସିପିଆଇ, ସିପିଆଇଏମ୍ ଓ ସିପିଆଇଏମ୍‌ଏଲ୍ ଲିବରେସନ୍ ସମେତ ବିଭିନ୍ନ ଦଳର ନେତା ଓ କର୍ମୀ ଯୋଗଦେଇଥିଲେ।

ବୈଠକରେ ନେତାମାନେ ଅଭିଯୋଗ କରିଥିଲେ ଯେ, ଏହି ଆଇନ ଦ୍ୱାରା ଓଡ଼ିଶାର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଅଧିକାର ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ। ଏହାସହ କର୍ପୋରେଟ୍ ଲୁଣ୍ଠନ ଓ ଆଦିବାସୀ ଶୋଷଣ ବଢ଼ିବ ବୋଲି ସେମାନେ ମତ ଦେଇଥିଲେ। ଆଇନ ରଦ୍ଦ ଦାବିରେ ଆସନ୍ତା ୨୫ ଅଗଷ୍ଟରେ ପ୍ରତିରୋଧ ଦିବସ ପାଳନ କରାଯିବ। ସକାଳ ୧୦ଟାରେ ହେବାକୁ ଥିବା ପ୍ରତିବାଦ ସଭାକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଏଥିସହ ଏହି ଆଇନର ପ୍ରଭାବ ଉପରେ ଆଲୋଚନା ପାଇଁ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମଧ୍ୟ ଦାବି ହୋଇଛି। ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ କନଭେନସନ୍‌ରେ ଢେଙ୍କାନାଳରୁ ୩୦୦ ନେତା ଓ କର୍ମୀଙ୍କ ଯୋଗଦାନ ସୁନିଶ୍ଚିତ କରିବାକୁ ମଧ୍ୟ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି।

ଏମ୍‌ଏମ୍‌ଡିଆର୍ ଆଇନ-୨୦୨୬ ରଦ୍ଦ ନହେବା ପର୍ଯ୍ୟନ୍ତ ଓଡ଼ିଶାର ସ୍ୱାର୍ଥ ପାଇଁ ଐକ୍ୟବଦ୍ଧ ଭାବେ ଆନ୍ଦୋଳନ ଜାରି ରଖିବ ଇଣ୍ଡିଆ ବ୍ଲକ୍ ଉକ୍ତ ବୈଠକକୁ ଜିଲ୍ଲାର ବରିଷ୍ଠ କଂଗ୍ରେସ ସଦସ୍ୟ ରୁଦ୍ର ପ୍ରକାଶ ଶରଣ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ଆବାସୀ ମାଧ୍ୟମରେ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳ, ସର୍ବଜ୍ଞ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକୀର ଚରଣ ବେହେରା, ଓଡାପଡା କଂଗ୍ରେସ ସଭାପତି ସୁଶାନ୍ତ କୁମାର ଧଳ, ସିପିଆଇର ରବି ରଥ ଏବଂ ଶିବରାମ ସାହୁ, ସିପିଆଇଏମ୍‌ର ଶ୍ରୀନିବାସ ସାହୁ, ସ୍ମିତାରାଣୀ ସାମଲ ଏବଂ ଓଡିଶା କୃଷକ ସେବା ଜିଲ୍ଲା ସଂପାଦକ ସରୋଜ ଶତପଥୀ ଉପସ୍ଥିତ ରହି ୨୫ତାରିଖ ସକାଳ ୧୦ ଘଟିକା ପ୍ରତିବାଦ ସଭାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ବିଜୁ ଜନତା ଦଳର ଏସ୍‌ସି ସେଲ୍ ପୁନର୍ଗଠିତ

ଭୁବନେଶ୍ୱର,(ଜା.ପ୍ର): ବିଜୁ ଜନତା ଦଳ ପକ୍ଷରୁ ଦଳର ଅନୁସୂଚିତ ଜାତି (ଏସସି) ସେଲକୁ ନୂତନ ଭାବେ ପୁନର୍ଗଠିତ କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ନୂତନ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଦଳର ସାଙ୍ଗଠନିକ କାର୍ଯ୍ୟକୁ ଦୃଢ଼ ଏବଂ ସକ୍ରିୟ କରିବା ପାଇଁ ମହେଶ ସାହୁ (ବରିଷ୍ଠ ସାଧାରଣ ସମ୍ପାଦକ)ଙ୍କୁ ବିଜେଡି ଏସସି ସେଲ୍ ସଭାପତି ଭାବେ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି ଏସ୍‌ସି ସେଲ୍‌ର ଉପଦେଷ୍ଟା ଭାବେ ପ୍ରମିଳା ମଲ୍ଲିକ, ପଦ୍ମନାଭ ବେହେରା, ଗଣେଶ୍ୱର ବେହେରା ଏବଂ ସ୍ନେହାଙ୍ଗିନୀ ଛୁରିଆ ରହିଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ଚନ୍ଦ୍ର ସାରଥୀ ବେହେରା, ରାଜେନ୍ଦ୍ର କୁମାର ଦାସ ଏବଂ ତୁଷାରକାନ୍ତି ବେହେରା ଏବଂ ଉପ-ସଭାପତି ଭାବେ ଡ଼. ରାଜଶ୍ରୀ ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ଡ଼. ପ୍ରମୋଦ କୁମାର ମଲ୍ଲିକ, ଶର୍ମିଷ୍ଠା ସେଠୀ ଏବଂ ରଘୁରାମ ପାଡାଲଙ୍କୁ ଦାୟିତ୍ୱ ଦିଆଯାଇଛି। ସାଧାରଣ ସମ୍ପାଦକ ଭାବେ ଅଭିମନ୍ୟୁ ସେଠୀ, ମାଧବ ଧଡ଼ା, ସୁଦର୍ଶନ ହରିପାଲ, ନିହାର ରଞ୍ଜନ ବେହେରା, ଡ଼. ସଞ୍ଜୟ ଦାସ, ଅନୁସୂୟା ପାତ୍ର, ଏବଂ ଲଳିତା ନାୟକଙ୍କୁ ନିଯୁକ୍ତି ଦିଆଯାଇଛି।

# ପ୍ରବଳ ବର୍ଷାରେ ବେହାଲ ନବରଙ୍ଗପୁର

ଭୁବନେଶ୍ୱର,(ଜା.ପ୍ର): ପ୍ରବଳ ବର୍ଷାରେ ବେହାଲ ନବରଙ୍ଗପୁର ଜିଲ୍ଲା। ଦିନକରେ ଜିଲ୍ଲାରେ ୧୯୬.୩ମିମି ବର୍ଷା ରେକର୍ଡ ହୋଇଛି। ପ୍ରବଳ ବର୍ଷା ଫଳରେ ଜିଲ୍ଲାର ପ୍ରମୁଖ ନଦୀ ଇନ୍ଦ୍ରାବତୀ, ଭାସ୍କେଲ ସହ ଛୋଟ ନଦୀ ତୁରୀ-ଗୁନ୍ଥା, ବାଙ୍ଗେରୀ ଆଦି ଛୋଟବଡ ନଦୀ, ନାଳ ପୁଲି ଉଠିଛି। ହଜାର ହଜାର ହେକ୍ଟର ଜମିରେ ପାଣି ଚାଲୁଛି। ଅନ୍ୟପକ୍ଷରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ନବରଙ୍ଗପୁର ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲାପାଳ ସୋମବାର ସ୍କୁଲ, କଲେଜ ଛୁଟି ଘୋଷଣା କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ଅନୁସାରେ ଅଗଷ୍ଟ ୨୪ ତାରିଖରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ ଓ କଲେଜ ବନ୍ଦ ରହିବ। ଉକ୍ତ ଦିନ ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ବନ୍ଦ ରହିବ। ତେବେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ି କର୍ମୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ନିଜ ନିଜ ଶିକ୍ଷାନୁଷ୍ଠାନରେ ଉପସ୍ଥିତ ରହିବେ। ବର୍ଷା ସମୟରେ ଜଳଭର୍ତ୍ତି ରାସ୍ତା, ନାଳ, ନଦୀ ଓ ଅନ୍ୟାନ୍ୟ ବିପଦସଙ୍କୁଳ ସ୍ଥାନ ଦେଇ ଯାତାୟାତ ନ କରିବାକୁ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି ।

ଜାତୀୟ ଚେତନା
JATIYA CHETANA





# ବସୁଷେଣ

ମହାଭାରତର ବସୁଷେଣ (କର୍ଣ୍ଣ) ଚରିତ୍ରଟିକୁ କିଏ କେଉଁ ଦୃଷ୍ଟିରେ ଅନୁଧ୍ୟାନ କରିଛି ଜଣାନାହିଁ, ହେଲେ ସେହି ଚରିତ୍ର ପ୍ରତି ସମ୍ମାନ, ସମ୍ଭ୍ରମ, ସହନଶୀଳତା, କାରୁଣ୍ୟତା ଆଜି ଭାରତୀଙ୍କ ମନରେ ଏଭଳି କାୟା ବିସ୍ତାର କରିଛି ଯେ ନିଜକୁ ସେହି ସମୟର ଚରିତ୍ରରେ ଉପସ୍ଥାପନା କରି ତାଙ୍କ ପ୍ରେମିକାଟିଏ ହେବାର ଲୋଭ ଅସମ୍ଭବ ହେଲେ ବି ଅତି ପିଲାଦିନୁ ସେହି ଚରିତ୍ର ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ପରବର୍ତ୍ତୀ ସମୟରେ ସେ ନିଜକୁ ସେହି ମହିମାମୟ ସୁପୁରୁଷ ତଥା ପୁରୁଷଶ୍ରେଷ୍ଠ ବ୍ୟକ୍ତିଙ୍କ ପ୍ରେମିକା ଭାବି ହୋଇଛନ୍ତି ଆହ୍ଲାଦିତା ଓ କେବେ ମନ୍ତ୍ରମୁଗ୍ଧା ଓ ହୃଦୟ ଶାଶ୍ୱତ।

ପିଲାଦିନୁ ମାଆର ମମତା ପାଇନଥିବା, ଏକ ବିଡ଼ମ୍ବିତ ଭାଗ୍ୟ ନେଇ ଜନ୍ମିଥିବା, ଅହରହ ଆତ୍ମଗ୍ଲାନିରେ ଜର୍ଜରିତ ହୋଇଥିବା ସୂତ ପୁତ୍ରଙ୍କୁ ମୋର ଏହି ଗଳ୍ପ ମାଧ୍ୟମରେ ଭୂମିଷ୍ଠ ପ୍ରଣାମ, ସେହି ପ୍ରଣାମ ପହଞ୍ଚିପାରେ ନପାରେ ହେଲେ ଆନ୍ତରିକତା, ସ୍ୱାଭିମାନ, ନୈସର୍ଗିକ, ଆଧ୍ୟାତ୍ମିକଭରା ପ୍ରଣାମ ମୂଲ୍ୟର କଳନା ବା ତୁଳନା ନାହିଁ ଭାରତୀଙ୍କ ପାଖରେ, ସେଥିପାଇଁ ତ ବିବାହର ବହୁ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରି କୋଳେଇ ନେଇଛନ୍ତି ଅନାଥ ପିଲାଟିକୁ ପୋଷ୍ୟ ପୁତ୍ର ଭାବରେ।

ସେଦିନ କଲେଜ ଜୀବନରେ ଦୀପକର ଚାଲିଚଳନ, ଢଙ୍ଗଢାଙ୍ଗ, ବ୍ୟବହାର ନିଆରା ଲାଗୁଥିଲା, ସବୁ ବୁଝିବି ନ ବୁଝି ପାରିବାର ଛଳନା କରି ଅନ୍ୟମନସ୍କ ହୋଇ କରିଡରରେ ଠିଆ ହୋଇଥିଲେ ତ ତଡ଼ିତ୍ ବେଗରେ ଶିଡ଼ିଟିପି ଦୀପକ ଆସିଥିଲା ତାଙ୍କ ସାମ୍ନାକୁ ଆଉ ଆଙ୍ଗୁଳି ନିର୍ଦ୍ଦେଶ କରି ଧମକ ଦେଉଥିଲା ତାଙ୍କୁ, 'ଏ ଝିଅ ତୁ ମୋତେ କାହିଁ ଚାହିଁଥିଲୁ', ତ ନିର୍ବାକ୍ ତଥା ନିର୍ଭୀକ ଭାରତୀ ଦୀପକର ମନଗହନରେ ଦେଖିଥିଲେ, ପ୍ରେମର ପ୍ରତିଶୋଧ ପରାୟଣ ନିଆଁ, ସେ ଖାଲି ହସିଦେଇଥିଲେ, ଆଉ ସାଙ୍ଗଟି ତାଙ୍କପାଇଁ ପ୍ରତିକ୍ରିୟା ପ୍ରକାଶ କରୁଥିଲା ଏମିତି ଯେ, ଭାରତୀ ତୋତେ ଚାହିଁଥିଲା ତୁ ଜାଣିଲୁ କେମିତି ? ତୁ ନିଶ୍ଚୟ ତାକୁ ଚାହିଁଥିଲୁ ନା ? ତାଙ୍କର ଏପରି ଯୁକ୍ତିରେ ଭାରତୀ ହସିଦେଇ ମନେପକାଉଥିଲେ ସେହି ଦାମ୍ଭିକ, ପୁରୁଷଶ୍ରେଷ୍ଠ ବସୁଷେଣଙ୍କୁ, କାହିଁ ଏ ଛାର ଦୀପକ, କାହିଁ ସେ ବୀରପୁଙ୍ଗବ ? ସତରେ ତୁଳନା ନାହିଁ।

ସମସ୍ତେ କହନ୍ତି ସେ କୁଆଡ଼େ କଲେଜ ଜୀବନରେ ବହୁତ ସୁନ୍ଦରଥିଲେ ତ ସାର୍‌ମାନେ ଲେକ୍‌ଚର୍ ଦେଉ ଦେଉ ଯଦି କେବେ ଭାରତୀଙ୍କୁ ଭିନ୍ନ ଦୃଷ୍ଟିରେ ଅବଲୋକନ କରୁଥିଲେ ତ ଭାରତୀ କେବଳ ନିଜପାଖରେ ସେହି ନାଟକ, ଡ୍ରାମା, ଥିଏଟର ଓ ସିରିଏଲରେ ଦେଖିଥିବା ବସୁଷେଣଙ୍କ ଉପସ୍ଥିତି ହିଁ ପାଖରେ ଅନୁଭବ କରିଥିଲେ ଓ ଚାହାଣୀରେ ଜଣାଇ ଦେଉଥିଲେ ସେ ଆଉ କାହାର ପତ୍ନୀ ରୂପରେ, ପ୍ରେମିକା ରୂପରେ, ଆଉ କାହାର ପୃଷ୍ଠପୋଷକତାରେ ସମୃଦ୍ଧା, ସେ ନୁହଁନ୍ତି ନିଶିଗନ୍ଧା, ତାଙ୍କ ଗର୍ବ, ଦମ୍ଭ, ଦାମ୍ଭିକତା ଦେଖିଲେ କେହି ପାଖ ମାଡ଼ନ୍ତି ନାହିଁ ତାଙ୍କୁ ଦୃଷ୍ଟି ଟେକି ଚାହିଁବାକୁ।

ଘରେ ମାଆ ବହୁ ଅନୁନୟ ବିନୟ କରିଥିଲେ, ତାଙ୍କୁ ବାହାହେବାକୁ, ହେଲେ ତାଙ୍କର ଏକାଜିଦ୍, ମୁଁ ବିବାହ କରିପାରିବିନି ମାଆ, ମୁଁ ବିବାହିତା, ମାଆ କାବା ହୋଇ ପଚାରନ୍ତି କେବେ, କେଉଁଠି, କେମିତି କାହାକୁ କୋର୍ଟ ବିବାହ କଲୁକି ର ଉତ୍ତରରେ ସେ ହସିଦେଇ କୋଳରେ ଲୋଟିପଡ଼ି ଗଡ଼ିଯାଆନ୍ତି ତ ମାଆ ଉଠୁମ୍ ତୋ ରଙ୍ଗଢଙ୍ଗ ମୋତେ କିଛି ଭଲ ଲାଗୁନି କହି କାନ୍ଦିପକାନ୍ତି, ତୁ କଣ ମୀରା, ତୁ କଣ ରାଧା, ତୁ କଣ ବୋଲି ନିଜକୁ ଭାବିଛୁ ?

ବାପା କେତେ କେଉଁଠୁ ପ୍ରସ୍ତାବ ଆଣନ୍ତି ତାଙ୍କପାଇଁ, ହେଲେ ସେ ନିରୁତ୍ତର, ବାପା କେବଳ ଅପ୍ରସ୍ତୁତ ହୁଅନ୍ତିନାହିଁ ଆସ୍ତେ ଆସ୍ତେ କ୍ଷୀଣ ହୋଇଯାଆନ୍ତି ହେଲେ ଭାରତୀଙ୍କ ଭିତରେ ଚମକୁଥାନ୍ତି କେହିଜଣେ ରାଜକୀୟ ଠାଣିରେ, ଦମ୍ଭ ଆଉ ଦାମ୍ଭିକତାରେ। ନିରୋଳାରେ ଭାରତୀ ପ୍ରଶ୍ନ ପଚାରନ୍ତି ବସୁଷେଣଙ୍କୁ କଣ ପାଇଲ ଆର୍ଯ୍ୟପୁତ୍ର ? କଣ ପାଇଲ ଦାନୀ ହୋଇ ? କଣ ରହିଲା ତୁମ ଦାନର ମୂଲ୍ୟ ? ସେଦିନ ତୁମକୁ ସ୍ୱପ୍ନରେ ସୂର୍ଯ୍ୟ ଦେବତା ଚେତାଇ ଦେଲାପରେ ବି ତୁମେ କାହିଁକି ଶୁଣିଲନି ତାଙ୍କ କଥା ? କାହିଁକି ସମସ୍ତଙ୍କ ସ୍ୱାର୍ଥରେ ତମେ ପଡ଼ିଲ ବଳି ? ତମେ କଣ ଜାଣିନଥିଲ, ସବୁ ଯୁଗରେ ବି ସ୍ୱାର୍ଥୀ ଭିକାରୀ ଥାଆନ୍ତି ବୋଲି ? ବସୁଷେଣ ସତେ ଯେମିତି କହୁଥାନ୍ତି କଣ ପାଇଁ ବଞ୍ଚିବାର ମୋହ ରଖିଥାନ୍ତି କୁହ ? ମାଆ ଯେଉଁଠି ମୋ ପରିଚୟ ଦେବାକୁ କୁଣ୍ଠାବୋଧ ପ୍ରକାଶ କରନ୍ତି, ଭାଇମାନେ ଯେଉଁଠି ମୋତେ ଠଟ୍ଟା ପରିହାସ କରନ୍ତି, ମୁଁ କାହା ପାଇଁ ବଞ୍ଚିଥାନ୍ତି ? କିଏ ମୋତେ ଭଲପାଏ ? କାହାର ଥିଲା ମୋ ପ୍ରତି ଆସକ୍ତି ? ତ ଭାରତୀଙ୍କ ଆଖିରୁ ଝରିଯାଏ କେତେ ଯେ ତତଲା ଲୁହ ତାହାର ହିସାବ ନାହିଁ ! ଭାରତୀ କାନ୍ଦିବାର ଦେଖିଲେ ବାପା ମାଆ ବିଚଳିତ ହୋଇପଡ଼ନ୍ତି, କଣ ସମସ୍ୟା କୁହ ? କେମିତି ବା କିପରି ବର ତୋର ପସନ୍ଦ କୁହ ? ତ ନିରୁତ୍ତର ଭାରତୀଙ୍କୁ ବୁଝାଇପାରନ୍ତି ନାହିଁ ବାପା ମାଆ ଅବା ନିକଟ ସମ୍ପର୍କୀୟ ମାମୁଁ ମାଇଁ ଅଜା ଆଇ ନା ପାଖରେ ରହୁଥିବା ଜେଜେ, ଜେଜେମାଆ ଦାଦା ବଡ଼ବାପା ବଡ଼ମା ଖୁଡ଼ୀ, ଶେଷକୁ ଭାରତୀ ବାଛିନେଲେ ଚାକିରୀ ଜୀବନ।

ଆଜିକାଲିର ଏକତରଫା ପ୍ରେମରେ ଅଧିକାଂଶ କହିଲେ ଭୁଲ ହେବନି। ସ୍ଥାନୀୟ ଯୁବକ ପ୍ରାୟ ଶହେରୁ ଅନେଶ୍ୱତ ଭାଗ ଚାହୁଁଥିଲେ ତାଙ୍କ ସହ ବିବାହ ବନ୍ଧନ, କଣ ବୋଲି ଭାବନ୍ତି କେଜାଣି ଯୁବ ସମାଜ ନିଜକୁ ? ଅନ୍ୟର ଯେ ମନ ଅଛି ଏକଥା ଭୁଲିଯାଇ କେବଳ ସେ ସୁନ୍ଦରୀ, ଶିକ୍ଷିତା ସର୍ବୋପରି ରେ ରୋଜଗାରକ୍ଷମ ହୋଇଥିବାରୁ ପ୍ରସ୍ତାବ ପରେ ପ୍ରସ୍ତାବ ପିତାମାତା ଙ୍କ ନିକଟରେ ତ ଅଜସ୍ର ଚିଠି, ଭେଟି, ଗ୍ରୀଟିଂସ ଠୁ ଆରମ୍ଭ କରି ପ୍ରେମପତ୍ର ଏବଂ ଟେଲିଫୋନ୍ ରେ ବାର୍ତ୍ତା ଓ ମେସେଜ ! କଣ କରିବେ ଭାରତୀ, ରଖିନଚାଲିଲେ ଜୀବନ ପ୍ରତି ବି ବିପଦ ଅଛି ତଥାପି ତାଙ୍କୁ ଲାଗେ ଯୋଦ୍ଧା ବସୁଷେଣ ତାଙ୍କ ପାଖେ ପାଖେ, ସେହି ଆସ୍ପର୍ଦ୍ଧା ଓ ଦିବ୍ୟକାନ୍ତି ଚେହେରାରୁ ଦୀପ୍ତି ଆଉ ଆଭା ଜାଜ୍ୱଲ୍ୟମାନ, ହେଉ ପଛେ କଳ୍ପନା ତାହାରି ଭିତରେ ସେ ସାଉଁଟନ୍ତି ବାସ୍ତବତା, ପଚାରନ୍ତି ପୁଣି, କାହିଁକି ଆର୍ଯ୍ୟ କାହିଁକି ତୁମର ଏ ଭାଗ୍ୟ, ତୁମ ପ୍ରତି ସମସ୍ତଙ୍କର ଏତାଦୃଶ କପଟ, କାହିଁକି ତୁମର ଏ ଭାଗ୍ୟ, କାହିଁକି ତୁମେ ଅଭିଶପ୍ତ ? ଉତ୍ତରରେ ପ୍ରତିଥର ପରି ଛାୟାଟି ହସୁଥାଏ ଆବେଗର ଆସ୍ପର୍ଦ୍ଧା ରେ କୋମଳ ନୟନ ମେଲି ତ ହଲଚଲ ହୋଇଯାଆନ୍ତି ଭାରତୀ, ମୁଖନତ କରି ଭୂମିପରେ ସାଉଁଟାଉଥାନ୍ତି ନଖ।

ଦୃଷ୍ଟି ଗୋଚର ହୁଏ ଅନ୍ୟମାନଙ୍କର, କିଏ କଣ ଭାବେ ତାଙ୍କ ବିଷୟରେ, ସହକର୍ମୀ ଙ୍କ ପ୍ରଶ୍ନିଳ ଆଖି, ସାଙ୍ଗସାଥୀଙ୍କ ଆଙ୍ଗୁଳି ନିର୍ଦ୍ଦେଶ ତାଙ୍କ ଆଡ଼କୁ, କିଏ କହେ ଘନିଷ୍ଠ ହୋଇ, ଖୋଲି କହୁନୁ କାହିଁକି କାହାକୁ ଭଲପାଉ ଭାରତୀ ? କିଏ ସେ, ଜାତିଗୋତ୍ର ସମାନ ନୁହେଁ କି ? ତଥାପି ସେ ନିରୁତ୍ତର, ତାଙ୍କ ପାଇଁ ମାଆ ରୋଗ ଶଯ୍ୟାରେ, ବାପା ଆଶଙ୍କାଗ୍ରସ୍ତ।

ଭାରତୀ ଶୁଣନ୍ତି ସେହି ଭୀରୁ କାପୁରୁଷମାନଙ୍କ କଥା ଓ କାହାଣୀ, ଝିଅଟିଏ ଆଜି ଏସିଡ୍ ମାଡ଼ରୁ ରକ୍ଷା ପାଉନି, ବିଚ୍ ରାସ୍ତାରେ ମାନମହତ ରକ୍ଷାକରିପାରୁନି, ନିରୋଳା ରାସ୍ତାରେ ଶକ୍ତ ପ୍ରହାରରେ ଜୀବନହାରିଛି ତ କେବେ ଗଣଦୁଷ୍କର୍ମର ଶିକାର ହେଉଛି, ଆଉ ଏସବୁ ପ୍ରାୟ ଅବିବାହିତା ଝିଅଟି କ୍ଷେତ୍ର ରେ ଘଟୁଛି ତ ବଦଳିଗଲା ଭାରତୀଙ୍କ ପରିଚୟ, ସେ ପିନ୍ଧିଲେ ବସୁଷେଣଙ୍କ ନାମରେ ସିନ୍ଦୂର, ତାଙ୍କରି ନାମରେ ଆଖିରେ ମାଖିଲେ କଜ୍ଜଳ, ପାଦରେ ଦେଲେ ଆଳତାର ଗାର, ହାତରେ ଚୂଡ଼ି, ଜଗତ ସ୍ତମ୍ଭୀଭୂତ, ଆବାକ୍, ସାଙ୍ଗସାଥୀଙ୍କ ଜିଜ୍ଞାସା ସବୁକୁ ବେଖାତିର କରି ସେ ହେଲେ ବଧୂବେଶ ହେଲେ ଭାବିଥିଲେ ଯାହା ଫଳ ହେଲା ଓଲଟା, ମାଆ ଚାଲିଗଲେ ପରପାରିକୁ ବାପା ହେଲେ ଶଯ୍ୟାଶାୟୀ, ବନ୍ଧୁବାନ୍ଧବଙ୍କ ତୀର୍ଯ୍ୟକ୍ ଦୃଷ୍ଟି, ରେ ଅସହିଷ୍ଣୁ ଭାବରେ। ସେ ଦେଖନ୍ତି ବସୁଷେଣଙ୍କୁ, ସେହି ଦୀପ୍ତିମୟ କାନ୍ତି, ଉଚ୍ଚାଶୀର, ଅତ୍ୟନ୍ତଯୋଦ୍ଧା ଓ ସାହସୀ ବସୁଷେଣଙ୍କୁ, ରାତିରେ ସୂର୍ଯ୍ୟଦେବ କହିଗଲେ ନା ତୁମକୁ ଦାନୀ ନହେବା ପାଇଁ, ତୁମ ଦାନ ତୁମର ଶେଷ ପରିଣତି ଡାକି ଆଣିବ ବୋଲି ତୁମକୁ ସତର୍କ କରିଦେଇ ଗଲେ ନା ତଥାପି ତୁମେ ଇନ୍ଦ୍ରଙ୍କ ମାୟାବୀ ରୂପରେ କାହିଁକି ଭୁଲିଗଲ ଜୀବନ ଧାରଣର ମୂଲ୍ୟବୋଧ, ଆଉ ଜଣେ ପିତାଙ୍କ ଆକୁଳ ବିକଳ କାତରତା ପୂର୍ଣ୍ଣ ଲୋତକ ଭରା ଆଖି।

ବସୁଷେଣ ହସୁଥିଲେ ଆତ୍ମତୃପ୍ତିର ହସ, ସେ ସମସ୍ତଙ୍କ ଠାରୁ ଊର୍ଦ୍ଧ୍ୱରେ, ଜୀବନସାରା ପିତାଙ୍କ ସ୍ନେହ ନପାଇଥିବା ପୁତ୍ରର ମୃତ୍ୟୁ ପାଇଁ କାହିଁକି ଏତେ ସ୍ନେହ ? ଜୀବନସାରା ମାଆ ବୋଲି ସମ୍ବୋଧନ କରିବାକୁ ପାଇନଥିବା ତାଙ୍କ ମୃତ୍ୟୁରେ କିବା ଦୁଃଖ ! ଭାରତୀଙ୍କ ଆଖିରେ ଲୁହ, ତାଙ୍କୁ ଜଳଜଳ ଦିଶୁଥାଏ ବସୁଷେଣଙ୍କ କର୍ଣ୍ଣରୁ ରକ୍ତ ଧାରଧାର ଓ ରକ୍ତ ରଞ୍ଜିତ ଛାତି, ବୁଝାନ୍ତି ଭାରତୀ, ଦେବକୀ ଯଶୋଦା ଭିତରୁ କିଏ କୃଷ୍ଣ ଙ୍କ ପ୍ରିୟ ?, ତୁମେ କାହିଁକି ଶିଖି ପାରିଲନି ସେକଥା, ଅଟ୍ଟହାସ୍ୟ କରିଉଠନ୍ତି ବସୁଷେଣ, ଜୀବନ ରକ୍ଷା କରିବାକୁ ଯାଇ ଦେବକୀ ଟେକିଦେଲେ ଯଶୋଦାଙ୍କ ହାତରେ ହେଲେ କୁନ୍ତୀଦେବୀ ମୋ ଜୀବନ ଚାଲିଯିବା ପାଇଁ ଭସାଇଦେଇଥିଲେ ନା ମୋତେ ନଈ ରେ ? କାନରେ ହାତଦିଅନ୍ତି ଭାରତୀ ତଥାପି ମାଉ ସ୍ନେହ ମମତାର ଅନେକ ଉଦାହରଣରେ ବୁଝାଉଥାନ୍ତି, ହେଲେ ନିଜ ମାଆ ର ମୃତ୍ୟୁ ଓ ପରେ ପରେ ପିତାଙ୍କ ମୃତ୍ୟୁର ଶେଷ ବାକ୍ୟ, ଭାରତୀ ତୁ ମୋ କଥା ରଖିଲୁନି, ଅବସାଦ ଅବଶୋଷ ରେ ତୋ ମାଆ ର ସହଯାତ୍ରୀ ହେବାକୁ ଆଉ କେତେ କ୍ଷଣ ? ବାକ୍ୟଟି ତାଙ୍କ କର୍ଣ୍ଣ ପଟଳ ରେ ଗୁଞ୍ଜରିତ ହେଉଥାଏ। ଭାରତୀଙ୍କ ପିତା ଚାଲିଗଲେ ଆଉ ସେ ଅନାଥ ହେବା ପୂର୍ବରୁ ଅରଫାନ୍ ପିଲାଟି ଗୋ କୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରି ଆଉ ନିଜକୁ ଅନାଥ ମନେ କରୁନଥିଲେ, ଆଉ ତାହା ଦ୍ୱାରା ଅନେକଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା କରି ବାକୁ ଯାଇ ବି ତଥାପି ନିର୍ଯ୍ୟାତିତା, ସମ୍ମାନହୀନା ରୂପେ ପରିଗଣିତା ହେବାକୁ ପଡୁଥିଲା ସେମିତି କିଛି ସ୍ୱାର୍ଥୀ ଭିକ୍ଷୁକମାନଙ୍କ ଦ୍ୱାରା। ଧନରେ ଲୋଭ, ଧନରେ ସ୍ୱାର୍ଥ ରଖୁଥିବା ଲୋକମାନେ ଅପସରି ଯାଉଥିଲେ ଜୀବନର ଚଲାପଥରୁ ଜଣଙ୍କ ପରେ ଜଣେ କାରଣ ବସୁଷେଣଙ୍କ ଆଦର୍ଶରେ ସେ ସମସ୍ତ ପୈତୃକ ସମ୍ପତ୍ତି କରିଦେଇଥିଲେ ବଡ଼ବାପା ଦାଦା ଙ୍କ ନାମରେ, ମାସକୁ ମାସ ମୋଟା ଅଙ୍କର ସାହାଯ୍ୟ ଯୋଗାଇଦେଉଥିଲେ ଜେଜେମାଆ ଜେଜେଙ୍କ ପାଳନ ପାଇଁ, ସବୁ ବନ୍ଧୁ ବାନ୍ଧବଙ୍କ ମୁହଁ ପାଟି ଚୁପ୍ ସିନା ହେଲେ ବି ଏ ବୟସରେ ତାଙ୍କ ସାନ୍ନିଧ୍ୟ ପାଇବାକୁ ଅନେକ ଆଗେଇ ଆସୁଥିଲେ। ବନ୍ଧୁତାର ଖାତିରରେ, ପାରିପାର୍ଶ୍ୱିକ ସହନଶୀଳତା ରେ କେହି ଥରେ ତାଙ୍କୁ, ନିଜକୁ ସୁନ୍ଦରୀ ବୋଲି ଟିକେ ଭାବ କହିବାରେ, ସେ ଅନୂଢ଼ା କିଶୋରୀ ସଦୃଶ ଗର୍ବ ଗୌରବ ଲାଭ କରି ନିଜକୁ ଧନ୍ୟ ମନେକରି କହୁଥିଲେ ଦେଖତ ବସୁଷେଣ, ତୁମ ପ୍ରେମିକା, ପ୍ରାଣପ୍ରିୟାର ସୌନ୍ଦର୍ଯ୍ୟରେ ଆଜି ବି ଜଗତ ମୁଗ୍ଧ, ତୁମେ ନିଷ୍ପତ୍ତି ବଦଳେଇ ନିଅ, ଡେରିକରନା, ହେଲେ ନେଡ଼ି ଗୁଡ଼ କହୁଣିକି ବୋହିସାରିଥିଲା।

ସମ୍ମୁଖଭାଗରେ ଯୁଦ୍ଧରେ ଅର୍ଜୁନ ଙ୍କ ରଥରେ ସାରଥି ନିଜେ ଶ୍ରୀକୃଷ୍ଣ, କପଟପାଶାରେ କବଳିତ ବସୁଷେଣ, ଭଗ୍ନ ମନୋବଳ, ସୂର୍ଯ୍ୟପୁତ୍ରଙ୍କ କର୍ଣ୍ଣ ଓ ବକ୍ଷ ଆଜି ରକ୍ତ ରଞ୍ଜିତ, ସମସ୍ତ ସମ୍ଭାବନା ଆଜି ତାଙ୍କ ପାଖରେ ପରାହତ, ଆଉ ଶେଷକୁ ସାରଥି ବସୁଷେଣ ଚିତ୍କାର କରୁଥିଲେ, ଅଟ୍ଟହାସ୍ୟ କରି କହୁଥିଲେ ଇନ୍ଦ୍ରଙ୍କୁ, ତାଚ୍ଛଲ୍ୟ କରୁଥିଲେ, ହେ ଇନ୍ଦ୍ର, ଦେଖିଯାଅ ଦାନନେଇ ତୁମେ ମହାନ୍ ନା ଦାନଦେଇ ମୁଁ କୀର୍ତ୍ତିମାନ। ସ୍ୱର୍ଗରୁ ସୂର୍ଯ୍ୟଦେବ ବି ମାଥାନୁଆଁଇ ବସୁଷେଣ ଙ୍କ ସୂର୍ଯ୍ୟାସ୍ତ ସହିନପାରି ପୁତ୍ରଶୋକରେ ଅଭିଭୂତ ହେଉ ହେଉ ବି ପରମ ଶାନ୍ତି ଲଭୁଥିଲେ ପିତୃତ୍ୱର ସାର୍ଥକତା, ବୀରତ୍ୱର ପରାକାଷ୍ଠା ଆଗରେ ମୁଣ୍ଡ ନଇଁଯାଉଥିଲା ସ୍ୱର୍ଗରେ ସୂର୍ଯ୍ୟଦେବଙ୍କର।

ଭାରତୀଙ୍କୁ ଯେବେ ତା ପରଦିନ ସମେତେ ଦେଖିଲେ ପାଟିଖୋଲି କେହିକିଛି କହିପାରୁନଥିଲେ କାରଣ ବିବର୍ଣ୍ଣା ଭାରତୀଙ୍କ ହାତରେ ନଥିଲା ଚୂଡ଼ି, କପାଳରେ ନଥିଲା ସିନ୍ଦୂର କି ଗଳାରେ ନଥିଲା ମଙ୍ଗଳସୂତ୍ର, ହେଲେ କାହାପାଇଁ ତାଙ୍କର ବିଧବା ଵେଷ କେହି ଜାଣିପାରୁନଥିଲେ। ଭାରତୀ ପଢୁଥିବା ସେହି କଲେଜ ଜୀବନର ଦୀପକ ଯେବେ ସେହି ବ୍ୟାଚ୍ ବନ୍ଧୁମିଳନରେ ଦେଖାହେଲା, ତ, ସେ ବି ଚମକି ପଡ଼ିଥିଲା ଭାରତୀଙ୍କୁ ଦେଖି କିନ୍ତୁ ପଚାରିପାରୁନଥିଲା ଆରେ ତୁ କେବେ କୋଉଠି କୋଉଦିନ ବାହାହେଲୁ ପୁଣି ଏସବୁ କଣ କେମିତି ? ଇତ୍ୟାଦି କିଛିବି ପଚାରିପାରୁନଥିଲା ଦୀପକ ତଥାପି ଶିଡ଼ି ପରେ ଶିଡ଼ି ଦେଇ ଭାରତୀ ସହ ତଳକୁ ଆସିଥିଲା ତ ଭାରତୀ ସାଥିରେ ଛୋଟ ତିନି କି ଚାରି ବର୍ଷର ପୁଅକୁ ଦେଖି ଅଭିଭୂତ ହୋଇ ନିର୍ବାକ୍ ଆଖିରେ ଚାହିଁଥିଲା ଖାଲି, ଭାରତୀର ଅବୟବ ବହୁଦୂର ପର୍ଯ୍ୟନ୍ତ ଦେଖାଯିବା ଯାଏଁ। ଭାରତୀ କିନ୍ତୁ ମଜ୍ଜିଯାଇଥିଲେ ସେହି ବସୁଷେଣଙ୍କ ଭାବନାରେ, କ'ଣ କଲ ସୂର୍ଯ୍ୟପୁତ୍ର ? କାହିଁକି କରିଦେଲ ଦାନ ? ଥରେ ବି ଭାବିଲନି ତୁମ ପିତା ସୂର୍ଯ୍ୟଦେବ ମାତା କୁନ୍ତୀଦେବୀ ତଥା ଧୀବର ଜନକଜନନୀଙ୍କ କଥା ବା ଥରେ ଚାହିଁଲନି ମୋ ଆଡ଼େ ? ଉତ୍ତରରେ ସ୍ୱର୍ଗରେ ବସୁଷେଣ ସତେ ଯେମିତି ତାଙ୍କର ବୀରତ୍ୱ, ସାହସିକତା, ନିର୍ଭୀକତା, ଦାନୀକର୍ଣ୍ଣର ବିଶେଷ ଗୁଣଗୁଡ଼ିକୁ ବିଶ୍ଳେଷଣ କରିଚାଲିଥିଲେ। ସେଦିନ ବାମନ ରୂପୀ ଭଗବାନ ଙ୍କ ଦ୍ୱାରା ରାଜା ବଳିଙ୍କୁ ପାତାଳେ ଚାପିବା କଥା ଆଲୋଚିତ ହେଉଥାଏ, ଅତି ରୁ ଇତି କଥାର ମହତ୍ତ୍ୱ ପ୍ରତିପାଦନ କରିବାକୁ ବଳିଙ୍କର ପାତାଳ ଗମନରେ ସମସ୍ତେ ଦୋଷ ଦେଇ ଦାନବରାଜା ବଳିଙ୍କୁ ଛି ଛାକର କରୁଥିଲେତ ହଠାତ୍ ଉତ୍ ?କ୍ଷିପ୍ତ ହୋଇ ପାଟି କରି ଚିତ୍କାର କରିଉଠିଲେ ଭାରତୀ 'କଣ ଜାଣିଛ ତୁମେମାନେ ଦାନ ର ମହତ୍ତ୍ୱ କଣ ବୁଝିଛ ତୁମେମାନେ ଦାନୀ ର ମହତ୍ତ୍ୱ, କଣ ବା ଭାବିଛ ଦାନମାନୀ ଙ୍କ ବିଷୟରେ ? ', କହୁକହୁ ଚେତା ହରାଇ ତଳେ ପଡ଼ିଯାଇଥିବା ଭାରତୀଙ୍କୁ ପ୍ରକୃଷ୍ଣ କରିବାରେ ପାଞ୍ଚ କି ଛ ଘଣ୍ଟା ତ ଅତି କମରେ ଲାଗିଥିଲା କିନ୍ତୁ କେହି କିଛି ବୁଝିପାରୁନଥିଲେ, କଳବଲ କରି ଚାହିଁଥିଲେ ଭାରତୀ ମୁହଁକୁ କେବଳ।

ଭାରତୀଙ୍କୁ କିନ୍ତୁ ଜଳଜଳ ଦିଶୁଥିଲା ଦୁର୍ଯ୍ୟୋଧନଙ୍କ ରଥର ସାରଥି, ସ୍ୱାର୍ଥୀ ଇନ୍ଦ୍ରଙ୍କୁ ସବୁକିଛି ଦାନ କରିସାରିବା ପରେ ବି କେତେ ଜାଜ୍ୱଲ୍ୟମାନ ପ୍ରତୀୟମାନ ହେଉଥିଲେ, ଗାରିମାରେ ଗୌରବାନ୍ୱିତ ହୋଇ କିଏ କହିଲା ଦାନ କରି ଦାନୀ ହୋଇ ତାଙ୍କର ହାନି ହେଲା ବୋଲି ? ବରଂ ସେ ତ କାଳଜୟୀ, ଯୁଗାନ୍ତରୀ ହୋଇଗଲେ।

ଛୋଟ ପିଲାଙ୍କ ସ୍କୁଲ ରେ ପଢୁଥାଏ ପୁଅ, ସେଦିନ ସ୍କୁଲରେ ବାର୍ଷିକ ଉତ୍ସବ ଥାଏ ଭାରତୀଙ୍କୁ ସମୟ ନଥିଲା ପୁଅ ସହ ସ୍କୁଲ ଯିବାକୁ ତ ପୁଅ ଅଭିମାନ କରିଥିଲା, ସମସ୍ତଙ୍କ ଅଭିଭାବକ ମାନେ ଆସିଥିବେ, ତାକୁ ବୁଝାଇ ସୁଝାଇ ସ୍କୁଲ ବସ ରେ ଛାଡ଼ି ପୁଣି ପ୍ରତ୍ୟାବର୍ତ୍ତନ କୁ ଅପେକ୍ଷା କରିଥିଲେ, ତ ବସ ରୁ ଓହ୍ଲେଇ ଫ୍ୟାନ୍ସି ଡ୍ରେସ ରେ ମୁଁ କର୍ଣ୍ଣ ମୁଁ କର୍ଣ୍ଣ, ମୁଁ ଦାନବୀର ହରିଶ୍ଚନ୍ଦ୍ର ଙ୍କପରି ଦାନୀକର୍ଣ୍ଣ, ମୁଁ ମାଆ, ମୁଁ ସୂତ ପୁତ୍ର କର୍ଣ୍ଣ କହି ଦୌଡ଼ି ଆସୁଥିଲା।

ବେହୋସ ହୋଇଗଲେ ଭାରତୀ ଚେତା ଫେରିଲା ପରେ ଠାଏ କରି ଚାପୁଡ଼ାଟିଏ କଷି ଦେଇ ପୁଅ ଗାଲରେ କହୁଥିଲେ ତୁ କର୍ଣ୍ଣ ହୋଇପାରିବୁନି ତୁ କର୍ଣ୍ଣ ହୋଇ ପାରିବୁନି, ଛୋଟ ପିଲାଟି କିଛି ବୁଝି ନପାରି ଫୁଲି ଫୁଲି କାନ୍ଦୁଥିଲା କିଛି ସମୟ ତ, ହୋସ ଆସିଥିଲା ଭାରତୀଙ୍କୁ, ପିଲାଟିକୁ କୋଳକୁ ନେଇ ସେଦିନ ସେ ଏତେ କାନ୍ଦିଥିଲେ ବୋଧହୁଏ ଜୀବନ ରେ ଆଗରୁ ଏମିତି କେବେ କାନ୍ଦିନଥିଲେ, ତଥାପି ମନହୃଦୟ ଭିତରେ ବସିଥିବା ସେହି ଚରିତ୍ର ବସୁଷେଣଙ୍କ ପ୍ରତିମୂର୍ତ୍ତି ଯିଏ ହୃଦୟ ସିଂହାସନ ରେ ବସି ମୁରୁକି ମୁରୁକି ହସୁଥିଲେ ତ, ଭାରତୀ ଆଜି ପ୍ରଥମଥର ଜାଣିଲେ ତାଙ୍କୁ ସତରେ ପ୍ରେମ ହୋଇଯାଇଛି ବିଗତ ଦିନରୁ ଆଜିଯାଏଁ ତ ଭବିଷ୍ୟତ ରେ ସେ କେବଳ ପ୍ରେମିକାଟିଏ, ପୁତ୍ରର କର୍ଣ୍ଣ ପୋଷାକ ତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ଯେମିତି, ପୁଅକୁ କୋଳକୁ ନେଇ କାନ୍ଦୁଥିଲେ ପିଲାଟି କିନ୍ତୁ କଣ ବୁଝିଲା କେଜାଣି କର୍ଣ୍ଣ ଙ୍କ ବେଶ ପୋଷାକ ବଦଳାଇ ଦୁରକୁ ଫୋପାଡ଼ି ମାଆ କୋଳରେ ଲୋଟି ଯାଇଥିଲା, ଭାରତୀଙ୍କ ଅନ୍ତରରେ ବସୁଷେଣ ଙ୍କ ପ୍ରତିବିମ୍ବ ପ୍ରତିଫଳିତ ହେଉଥିଲା ଆଉ ଆଜି ପ୍ରଥମ ଥର ମନେ ହେଲା ସେ ଭାରତୀ ନୁହଁନ୍ତି ସେତ ଦ୍ରୌପଦୀ କେବଳ ଦ୍ରୌପଦୀ। ନିଜକୁ ଦ୍ରୌପଦୀ ବୋଲି ଭାବିନେଲା ପରେ ଭାରତୀଙ୍କ ଆଖିରେ ଦୃଷ୍ଟି ଗୋଚର ହେଲା, ଅଗ୍ନିସମ୍ଭୂତା ଦ୍ରୌପଦୀ, ପିତା ଦ୍ରୁପଦଙ୍କ ମାନ ରକ୍ଷା ପାଇଁ ସୃଷ୍ଟି ଯାଜ୍ଞସେନୀ ଭାବରେ, ସେଦିନ ଦ୍ରୌପଦୀଙ୍କ ସ୍ୱୟଂବର ସଭାରେ ସମସ୍ତ ବୀର ଜଣ ଜଣ କରି ହାରିଗଲା ପରେ, ଦୁର୍ଯ୍ୟୋଧନ ଦୁଃଶାସନ ଆଦି ବୀର କ୍ଷତ୍ରିୟ ପୁତ୍ରମାନେ ଲଜ୍ଜାନତ ଶୀର ପୋତି ବସିଥିବା ବେଳେ ବସୁଷେଣ ହିଁ ସମର୍ଥ ହୋଇଥିଲେ ଶରଭେଦ କରିବାକୁ, ଆଉ ପ୍ରଥମ ଦେଖାରେ ମନ ହୃଦୟ କିଣି ନେଇଥିଲେ ଦ୍ରୌପଦୀଙ୍କର, ହେଲେ ଏ କଣ ସେ ସୂତପୁତ୍ର କହି ତାଙ୍କ ବୀରତ୍ୱକୁ ଅସ୍ୱୀକାର କରାଗଲା, ପ୍ରଥମ ବିଜେତା ଅପମାନିତ ହେଲେ ସତ ତଥାପି ସେହି ବୀରଦୀପ୍ତ ଚେହେରା ଦ୍ରୌପଦୀ ଙ୍କ ହୃଦୟ ରେ ରହିଗଲା ଚିରକାଳ, ହୃଦୟର ନିଭୃତ କକ୍ଷରେ ସେହି ଦିନଠୁ ସେ ଉପବେଶନ କରିଛନ୍ତି ବୁଝିବାକୁ ବାକି ନଥିଲା ଭାରତୀଙ୍କୁ।

**ସୁନନ୍ଦା ମହାନ୍ତି**
ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଦ୍ୱିତୀୟ ଟେଷ୍ଟ୍: ପାଡିକ୍କଲ୍‌ଙ୍କ ଲଗାତାର ଦ୍ୱିତୀୟ ଶତକ



କଲମ୍ବୋ,(ଏଜେନ୍ସି): ସ୍ଥାନୀୟ ସିଂହଲିଜ୍ ସ୍ପୋର୍ଟ୍ସ କ୍ଲବ୍ (ଏସ୍ଏସ୍ସି)ରେ ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ୍ ମ୍ୟାଚ୍‌ର ପ୍ରଥମ ଦିନରେ ଭାରତ ଦୃଢ଼ ସ୍ଥିତିରେ ରହିଛି। ପ୍ରଥମ ଦିନ ଖେଳ ଶେଷ ବେଳକୁ ଭାରତ ୫ ୱିକେଟ୍ ବିନିମୟରେ ୩୦୦ ରନ୍ କରିନେଇଛି। ରବିବାର ୮୫ ଓଭର୍ ଖେଳ ହୋଇଛି। ଷ୍ଟମ୍ପ ବେଳକୁ ଧ୍ରୁବ ଜୁରେଲ୍ ୭ ଏବଂ ସାରାଂଶ ଜୈନ ୪ ରନ୍‌ର ଅପରାଜିତ ରହିଥିଲେ।

ଭାରତ ପକ୍ଷରୁ ଦେବଦତ୍ତ ପାଡିକ୍କଲ୍ ପୁଣିଥରେ ଚମତ୍କାର ୧୧୭ ରନ୍‌ର ଇନିଂସ୍ ଖେଳିଛନ୍ତି। ଏହା ଚଳିତ ସିରିଜ୍‌ରେ ତାଙ୍କର ଲଗାତାର ଦ୍ୱିତୀୟ ଶତକ। ଗାଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ୍‌ରେ ସେ ୧୬୭ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ। ପାଡିକ୍କଲ୍‌ଙ୍କ ବ୍ୟତୀତ କ୍ୟାପ୍ଟେନ୍ ଶୁଭମନ ଗିଲ୍ ମଧ୍ୟ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି।

ରବିବାର ଟସ୍ ଜିତି ବ୍ୟାଟିଂ ନେଇଥିବା ଭାରତୀୟ ଟିମ୍‌ର ଆରମ୍ଭ ସେତେ ଭଲ ନଥିଲା। କେଏଲ୍ ରାହୁଲ ମାତ୍ର ୧୮ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ଲାହିରୁ କୁମାରାଙ୍କ ଶିକାର ହୋଇଥିଲେ। ଅନ୍ୟତମ ଓପ୍ନର୍ ଯଶସ୍ୱୀ ଜୟସ୍ୱାଲ୍ ଲୟରେ ଥିଲେ ମଧ୍ୟ ଅସିଥା ଫର୍ଣ୍ଣାଣ୍ଡୋ ତାଙ୍କ ଇନିଂସ୍‌ରେ ବ୍ରେକ୍ ଲଗାଇଥିଲେ। ଯଶସ୍ୱୀ ୯ ଚୌକା ସହାୟତାରେ ୫୩ ବଲ୍‌ରେ ୪୫ ରନ୍ କରିଥିଲେ। ଏହାପରେ କ୍ୟାପ୍ଟେନ୍ ଗିଲ୍ ଓ ପାଡିକ୍କଲ୍ ଇନିଂସ୍ ସମ୍ଭାଳିଥିଲେ। ଦୁହିଁଙ୍କ ମଧ୍ୟରେ ତୃତୀୟ ୱିକେଟ୍ ପାଇଁ ୧୨୦ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଗିଲ୍‌ଙ୍କୁ ଆଉଟ୍ କରି ଅସିଥା ଫର୍ଣ୍ଣାଣ୍ଡୋ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ଗିଲ୍ ୬ ଚୌକା ସହାୟତାରେ ୧୦୮ ବଲ୍‌ରେ ୫୦ ରନ୍ କରି ଫେରିଥିଲେ। ଋଷଭ ପନ୍ତ୍ ମାତ୍ର ୩ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଏହାପରେ ପାଡିକ୍କଲ୍‌ଙ୍କ ସହ କ୍ରିଜ୍‌ରେ ଯୋଗ ଦେଇଥିବା ରବୀନ୍ଦ୍ର ଜାଡ଼େଜା ୭୪ ରନ୍‌ର ପାର୍ଟନରଶିପ୍ କରିଥିଲେ। ପାଡିକ୍କଲ୍ ୧୯୩ ବଲ୍‌ରେ ୧୨ ଚୌକା ସହାୟତାରେ ୧୧୭ ରନ୍ କରିଥିବା ବେଳେ କେଶରା ନୁୱ୍ନାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଜାଡ଼େଜା ୮୩ ବଲ୍‌ରେ ୪ ଚୌକା ବଳରେ ୪୩ ରନ୍ କରି ଅସିଥା ଫର୍ଣ୍ଣାଣ୍ଡୋଙ୍କ ତୃତୀୟ ଶିକାର ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଅସିଥା ଫର୍ଣ୍ଣାଣ୍ଡୋ ୩ଟି ୱିକେଟ୍ ନେଇଥିବା ବେଳେ କେଶରା ନୁୱ୍ନା ଏବଂ ଲାହିରୁ କୁମାରାଙ୍କୁ ୧-୧ ସଫଳତା ମିଳିଛି।

# ସାରାଂଶ ଜୈନ୍‌ଙ୍କ ଟେଷ୍ଟ୍ ଡେବ୍ୟୁ: ୨୧ଶ ଶତାବ୍ଦୀରେ ବୟୋଜ୍ୟେଷ୍ଠ ଖେଳାଳି

କଲମ୍ବୋ,(ଏଜେନ୍ସି): ଅଫ୍‌ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡର୍ ସାରାଂଶ ଜୈନ ରବିବାର ଭାରତ ପକ୍ଷରୁ ଟେଷ୍ଟ୍ ଡେବ୍ୟୁ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ୍‌ରେ ତାଙ୍କୁ ଏହି ସୁଯୋଗ ମିଳିଛି। ଟିମ୍ ଇଣ୍ଡିଆର ବରିଷ୍ଠ ଖେଳାଳି ରବୀନ୍ଦ୍ର ଜାଡ଼େଜା ତାଙ୍କୁ ଟେଷ୍ଟ୍ କ୍ୟାପ୍ ପ୍ରଦାନ କରିଥିଲେ। ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିଥିବା କୁଲଦୀପ୍ ଯାଦବଙ୍କ ସ୍ଥାନରେ ମଧ୍ୟପ୍ରଦେଶର ଏହି କ୍ରିକେଟର୍‌ଙ୍କ ଟିମ୍‌ରେ ସାମିଲ କରାଯାଇଛି। ସାରାଂଶ ୩୩ ବର୍ଷ ୧୪୫ ଦିନ ବୟସରେ ଭାରତ ପକ୍ଷରୁ ଟେଷ୍ଟ୍ ପଦାର୍ପଣ କରିବାରେ ୨୧ଶ ଶତାବ୍ଦୀର ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ଏହି ମାମଲାରେ ସେ ପୂର୍ବତନ ୱିକେଟ୍‌କିପର୍ ବ୍ୟାଟର୍ ସବା କରିମ୍‌ଙ୍କୁ ପଛରେ ପକାଇଛନ୍ତି। ସବା ୨୦୦୦ରେ ଢାକାରେ ବାଂଲାଦେଶ ବିପକ୍ଷରେ ୩୨ ବର୍ଷ ୩୬୨ ଦିନ ବୟସରେ ଟେଷ୍ଟ୍ ଡେବ୍ୟୁ କରିଥିଲେ।

ସାରାଂଶ ୫୪ ପ୍ରଥମଶ୍ରେଣୀ ମ୍ୟାଚ୍‌ରେ ୩୧.୭୫ ହାରାହାରିରେ ୨୨୨୩ ରନ୍ କରିବା ସହିତ ୨୭.୩୦ ହାରାହାରିରେ ୧୮୮ ୱିକେଟ୍ ହାସଲ କରିଛନ୍ତି। ୨୦୨୫-୨୬ ଦୁଲୀପ୍ ଟ୍ରଫିରେ କେନ୍ଦ୍ରାଞ୍ଚଳ ପକ୍ଷରୁ ଖେଳୁଥିବା ସାରାଂଶଙ୍କୁ ପ୍ଲେୟାର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ୍ ମନୋନୀତ କରାଯାଇଥିଲା। ଅଫ୍ ସ୍ପିନର୍ ୱାଶିଂଟନ୍ ସୁନ୍ଦରଙ୍କ ଆହତ କାରଣରୁ ତାଙ୍କୁ ଶ୍ରୀଲଙ୍କା ଗସ୍ତ ପାଇଁ ଟିମ୍ ଇଣ୍ଡିଆରେ ସାମିଲ କରାଯାଇଥିଲା। ଭାରତ-ଏ’ ପକ୍ଷରୁ ଶ୍ରୀଲଙ୍କା-ଏ’ ବିପକ୍ଷରେ ୭୦ ରନ୍ କରିବା ସହିତ ୬ ୱିକେଟ୍ ନେଇ ସାରାଂଶ ଚୟନକର୍ତ୍ତାଙ୍କ ଦୃଷ୍ଟିକୁ ଆସିଥିଲେ। ସେ ମଧ୍ୟ ୨୦୨୧ ଜାନୁଆରୀରେ ୱାଶିଂଟନ୍‌ଙ୍କ ପରେ ପ୍ରଥମ ସ୍ପିନର୍ ଭାବେ ଭାରତ ପକ୍ଷରୁ ଅନ୍ତର୍ଜାତୀୟ ଡେବ୍ୟୁ କରିଛନ୍ତି।

# ମିଚେଲ୍ ଷ୍ଟାର୍କଙ୍କୁ ୧୦ ୱିକେଟ୍

ମକାୟ,(ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ପ୍ରଥମ ଟେଷ୍ଟ୍ ମ୍ୟାଚ୍ ଜିତି ଐତିହାସିକ ସଫଳତା ହାସଲ କରିଥିବା ବାଂଲାଦେଶ ଚଳିତ ସିଜନ୍‌ର ଦ୍ୱିତୀୟ ଟେଷ୍ଟ୍‌ରେ ଘରୋଇ ଟିମ୍‌ଠାରୁ ଶୋଚନୀୟ ଭାବେ ପରାଜିତ ହୋଇଛି। ଦୁଇଟି ଯାକ ଇନିଂସ୍‌ରେ ଭ୍ରମଣକାରୀ ଟିମ୍ ୧୦୦ ରନ୍ ବି ଟପି ପାରିନି। ବାଂଲାଦେଶର ଏଭଳି ନୈରାଶ୍ୟଜନକ ବ୍ୟାଟିଂ ପାଇଁ ମ୍ୟାଚ୍ ଶେଷ ହେବାକୁ ଦୁଇଦିନ ମଧ୍ୟ ଲାଗିନାହିଁ। ଏହି ଟେଷ୍ଟ୍‌ରେ ମିଚେଲ୍ ଷ୍ଟାର୍କଙ୍କ ୧୦ ୱିକେଟ୍ ସଫଳତା ବଳରେ ଅଷ୍ଟ୍ରେଲିଆ ଇନିଂସ୍ ଓ ୫୧ ରନ୍‌ରେ ବାଂଲାଦେଶକୁ ହରାଇ ଦୁଇ ମ୍ୟାଚ୍‌ର ସିରିଜ୍‌କୁ ୧-୧ରେ ଶେଷ କରିଛି।

ପ୍ରଥମ ଇନିଂସ୍‌ରେ ଷ୍ଟାର୍କଙ୍କ ୬/୧୨ ସଫଳତା ଯୋଗୁଁ ବାଂଲାଦେଶ ୬୪ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଦ୍ୱିତୀୟ ଇନିଂସ୍‌ରେ ଷ୍ଟାର୍କ (୪/୩୯)ଙ୍କ ଘାତକ ବୋଲିଂ ସହ ପ୍ୟାଟ୍ କମିନ୍ସ ଓ ନାଥନ ଲାୟନଙ୍କ ୩-୩ ୱିକେଟ୍ ଅକ୍ତିଆର ଫଳରେ ବାଂଲାଦେଶ ୯୫ ରନ୍‌ରେ ଅଟକି ଏହି ଇନିଂସ୍ ପରାଜୟ ବରଣ କରିଛି। ଦ୍ୱିତୀୟ ଇନିଂସ୍‌ରେ ବାଂଲାଦେଶର ଦୁଇଜଣ ବ୍ୟାଟର୍ ଅଧିନାୟକ ନାଜମୁଲ ହୁସେନ ସାଣ୍ଟୋ (୩୧) ଓ ମୁସ୍‌ଫିକର୍ ରହିମ (୨୯*)ଙ୍କୁ ଛାଡ଼ିଦେଲେ ବାକି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁ ପାରିନଥିଲେ। ଚତୁର୍ଥ ଥର ଲାଗି ୧୦ ୱିକେଟ୍ ସଫଳତା ପାଇଥିବା ଷ୍ଟାର୍କ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଓ ସିରିଜ୍ ପୁରସ୍କାର ପାଇଛନ୍ତି। ଏହି ୧୦ ୱିକେଟ୍ ସଫଳତା ସହ ଷ୍ଟାର୍କ (୪୪୫) ସର୍ବାଧିକ ଟେଷ୍ଟ୍ ୱିକେଟ୍ ହାସଲ କରିବାରେ ଦଶମ ବୋଲର୍ ହୋଇଛନ୍ତି। ଏହି ମାମଲାରେ ସେ ସାଉଥ୍ ଆଫ୍ରିକାର ଡେଲ୍ ଷ୍ଟେନ୍ (୪୩୯)ଙ୍କୁ ପଛରେ ପକାଇଛନ୍ତି। ମ୍ୟାଚ୍‌ର ଦ୍ୱିତୀୟ ଦିନ ଅସମାପ୍ତ ପ୍ରଥମ ଇନିଂସ୍ ୧୬୫/୮ ସ୍କୋର୍‌ରୁ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଆଉ ୨୧ ରନ୍ ଯୋଡ଼ିବା ପରେ ଅପରାଜିତ ବ୍ୟାଟର୍ କାମେରନ୍ ଗ୍ରୀନ୍ (୬୭)ଙ୍କୁ ହରାଇଥିଲା। ଏହାପରେ ନାଥନ ଲାୟନ୍ (୩୨*) ଗୋଟିଏ ପଟେ ଅପରାଜିତ ରହି ସ୍କୋର୍ ୨୧୦ରେ ପହଞ୍ଚାଇ ଟିମ୍‌କୁ ୧୪୬ ରନ୍‌ର ଅଗ୍ରଣୀ ଦେଇଥିଲେ। ବାଂଲାଦେଶର ଶୋରିଫୁଲ ଇସ୍‌ଲାମ (୭/୪୮) ସଫଳ ବୋଲର୍ ଥିଲେ।

ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ୍ ମ୍ୟାଚ୍ ମାତ୍ର ଦୁଇଦିନ ମଧ୍ୟରେ ଶେଷ ହୋଇଛି। ଏହା ସହିତ ଏହା ଟେଷ୍ଟ୍ ଇତିହାସରେ ଚତୁର୍ଥ ସବୁଠୁ ଛୋଟ ମ୍ୟାଚ୍ ହୋଇଛି। ମାକୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ମାତ୍ର ୭୫୦ ଲିଗାଲ୍ ବଲ୍‌ରେ ବାଂଲାଦେଶକୁ ଏକ ଇନିଂସ୍ ଏବଂ ୫୧ ରନ୍‌ରେ ହରାଇ ଦେଇଛି। ଇତିହାସର ସବୁଠୁ ଛୋଟ ମ୍ୟାଚ୍ ସାଉଥ୍ ଆଫ୍ରିକା ଓ ଭାରତ (କେପ୍ ଟାଉନ୍, ୨୦୨୪)ରେ ଖେଳାଯାଇଥିଲା। ଏହି ମ୍ୟାଚ୍ ମାତ୍ର ୬୪୨ ବଲ୍‌ରେ ଶେଷ ହୋଇଥିଲା। ମ୍ୟାଚ୍‌ରେ ମହମ୍ମଦ ସିରାଜ୍ ଓ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂରେ ଟିମ୍ ଇଣ୍ଡିଆ ୭ ୱିକେଟ୍‌ରେ ବିଜୟୀ ହୋଇଥିଲା। ଏହାପରେ ଦ୍ୱିତୀୟ ଛୋଟ ଟେଷ୍ଟ୍ ଅଷ୍ଟ୍ରେଲିଆ ବନାମ ସାଉଥ୍ ଆଫ୍ରିକା (ମେଲବର୍ଣ୍ଣ, ୧୯୩୨) ଥିଲା। ଏହି ମ୍ୟାଚ୍ ମାତ୍ର ୬୫୬ ବଲ୍ ପର୍ଯ୍ୟନ୍ତ ଚାଲିଥିଲା। ସାଉଥ୍ ଆଫ୍ରିକା ଟିମ୍ ଉଭୟ ଇନିଂସ୍‌ରେ ଯଥାକ୍ରମେ ୩୬ ଓ ୪୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା ଏବଂ ଅଷ୍ଟ୍ରେଲିଆ ଇନିଂସ୍ ଓ ୭୨ ରନ୍‌ର ବଡ଼ ବିଜୟ ହାସଲ କରିଥିଲା। ଏହି ଲିଷ୍ଟ୍‌ରେ ତୃତୀୟ ନମ୍ବରରେ ୱେଷ୍ଟଇଣ୍ଡିଜ୍ ବନାମ ଇଂଲଣ୍ଡ (ବ୍ରିଜ୍‌ଟାଉନ୍, ୧୯୩୫) ମ୍ୟାଚ୍ ରହିଛି। ମାତ୍ର ୬୭୨ ବଲ୍ ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଇଂଲଣ୍ଡ ୪ ୱିକେଟ୍‌ରେ ଜିତିଥିଲା।

## ଜୀବନର ଜୟଗାନ



ଉପକ୍ରମ ଲେଖାହେବା ବେଳର ଅଫୁରନ୍ତ
ଆବେଗ ଉପସଂହାର ବେଳକୁ
ହୁଏତ ନିଶ୍ଚିହ୍ନ ହୋଇଯାଇଥାଏ
ଯେମିତି ନୀଳ ନିର୍ଝରିଣୀର ସାଗରେ
ମିଶିବାର ସଂକଳ୍ପ ଉଷର ବାଲିଚଡାର
ସୀମାହୀନ ବ୍ୟାପ୍ତି ଭିତରେ ବିଳୟ ଭଜେ
ଅଦିନ ଝଡ଼ବର୍ଷାରେ ସପନର ସୌଧ
ଭାଜେ
ତଥାପି ନିଲଠା ଜୀବନ
ଦୁସ୍ଥିତିର ଦାରୁଣ ଦାଉଦାପଟରେ
ପଥର ସନ୍ଧିର କେରାଏ ଶ୍ୟାମଳ
ଦୂର୍ବାଦଳ ସମ ବିରାଜେ।

**ଗୋପୀନାଥ ଦାଶ**
ବ୍ରାହ୍ମଣକୁଶଡିହ, ଆଙ୍କୁଲାଚଟୀ, ଖୋର୍ଦ୍ଧା

## ସ୍ୱାଧୀନତାର ସଂଜ୍ଞା

ମନେପଡ଼େ ଆଜି ସେହି ପିଲାଦିନ କଥା
ସତେ କେତେ ବଦଳି ଯାଇଛି ଆଜିର
ବ୍ୟବସ୍ଥା
ସ୍ୱାଧୀନତା ଦିବସ ଭାରି ପ୍ରିୟ ଆମର
ରୂପ ଚିତ୍ର ବଦଳି ଯାଇଛି ତାହାର
ସ୍କୁଲ ପଡିଆରେ ଉଡ଼ିବ ତ୍ରିରଙ୍ଗା ପତାକା
ମନେ ପକାଇ ସେହି ବୀର ଯୋଦ୍ଧାଙ୍କ
ଗାଥା
ବନ୍ଦେମାତରଂ ଗାନରେ ଉଲ୍ଲସିତ ହୋଇ
ଭାରତମାତାଙ୍କ ସୁଯୋଗ୍ୟ ସନ୍ତାନେ
କୃତଜ୍ଞତା ଦେଇ
ଘରକୁ ଫେରୁ ସେଉ ବୁନ୍ଦିଆ ଖାଇ।
ଚିତ୍ରାଙ୍କନ, ଅଭିଭାଷଣ, ଓ ରଚନା
ମନକୁ ପ୍ରଫୁଲ୍ଲିତ କରେ
ସେଦିନ କେତେ କଥା ଜାଣିବାକୁ
ସୁଯୋଗ ମିଳିଥାଏ।
ଆଜି କିନ୍ତୁ ସମୟ ସୁଅରେ ସବୁକିଛି
ବଦଳି ଯାଇଛି
ପୁରାତନ ଗୀତର ବଦଳେ
ସୋସିଆଲ ମିଡ଼ିଆ ଗୀତ ନାଚ ସଭିଙ୍କୁ
ବାଇ କରିଛି
ହାତରେ ତ୍ରିରଙ୍ଗା ଧରି ଶିଶୁଗଣ ଡେଇଁ
ଡେଇଁ ଯାଉଛନ୍ତି
ସେଉ ବୁନ୍ଦିଆ ପରେ ତାହା ମାଟିରେ
ମିଶୁଛି।
ଶୃଙ୍ଖଳା ହିଁ ସ୍ୱାଧୀନତା, ଏକଥା ବିସ୍ମୃତି
ଗର୍ଭକୁ ଯାଉଛି।
ସ୍ୱାଧୀନତା ଆଜି ପଥଭ୍ରଷ୍ଟ ପରି ଲାଗୁଛି
ସେଉ ବୁନ୍ଦିଆରୁ ବିରିୟାନୀର ଯାତ୍ରା
ସବୁକିଛି ବେପାର ଓ ଲୋକ ଦେଖାଣିଆ
ପରି ଲାଗୁଛି
ମନେହୁଏ ସ୍ୱାଧୀନତାର ସଂଜ୍ଞା ସତେ
ବଦଳି ଯାଇଛି।
ସତେ କେତେ ବଦଳି ଯାଇଛି।

**ଲଭଲି ପୁରବୀ**
ଗୋପବନ୍ଧୁ ନଗର, ବାଲୁଗାଁ, ଖୋର୍ଦ୍ଧା

## ଲଘୁଚାପ ବର୍ଷା



ମୌସୁମୀ ନାନୀଟା ଏସନ ଆସିଲା
ସହଳ ସହଳ ଚାଲି
ବରଷା ରାଣୀ ତା ପ୍ରିୟ ସହଚରୀ
ଚାହିଁଲା ଓଢଣା ଖୋଲି।
ନୀଳ ଆକାଶରେ ବାଜିଲା ଦୁନ୍ଦୁଭି
ଘଡ଼ଘଡ଼ି ଘୋର ରଡ଼ି
ବିଜୁଳି ଚମକେ, ରୋଷଣୀ ଲାଗିଲା
ଇନ୍ଦ୍ରଧନୁ ଗଲା ପଡ଼ି।
ଦୁଇ ସଙ୍ଗିନୀଙ୍କ ମିଳନ ଆସର,
ଝରିଲା ବରଷା ପାଣି
ଆଷାଢ଼, ଶ୍ରାବଣ, ରାଜତ୍ୱ ତାଙ୍କର
ଦେଖାଇଲେ କେତେ ଠାଣି।
ଆଷାଢ଼ ଗଲାଣି, ଶ୍ରାବଣ ଗଲାଣି
ଆସିଲା ଶରତ ଋତୁ
ଥକ୍କା ମାରିଲାଣି ଭସା ବାଦଲ ଟା
ଅଧା ବାଟେ ବର୍ଷା କିନ୍ତୁ।
ଲଘୁଚାପ ଭାଇ, ଆସିଲା ଧସେଇ
ବରଷା ପଡିଲା ଝୁଣ୍ଟି
ଉଛୁଳି ପଡିଲା ହୀରାକୁଦ ଆଉ,
ନଦୀ ନାଳ ନେଲେ ବାଣ୍ଟି।
କେତେ ବର୍ଷ ହେଲା ଆମ ଅଞ୍ଚଳକୁ
ବଢ଼ି ପାଣି ଛୁଇଁ ନାହିଁ
ଗାଁ, ଦଣ୍ଡା, ନାଳ, ପାଟିଆ ପୋଖରୀ
ଜଳ ଟୋପେ ନାହିଁ କାହିଁ।
ଛତିଶି ଗଡ଼ର ଆନିକଟ ପାଇଁ
ଭାଙ୍ଗୁ ନାହିଁ ଆଉ ଘାଇ
ଦାରୁଣ ବିପତ୍ତି ଘୁଞ୍ଚି ଅଛି , ହେଲେ
କ୍ଷେତେ ପଟୁ ପଡୁ ନାହିଁ
ମୀନ, ମହୁରାଳୀ, ଦଣ୍ଡିକିରୀ, କଉ
ସପନ ଦେଖିବା ପାଇଁ।
ଟୋକେଇ, ପାଚିଆ, ଜାଲ ଓ ଜାଲିଆ
ଖଇଚି, ପୋଲୁହ ଧରି
ବୁଢ଼ୀ ବୋଉ, ଜେଜେ ଧରୁଥିଲେ ମାଛ
ଗାଁ ଲୋକେ ମିଶିକିରି।
ଚୁଙ୍ଗୁଡ଼ି, କଙ୍କଡା, ତୋଡ଼ି, ବାଲୁଗୁରି
କଣ୍ଟିଆ, କରାଣ୍ଡି ମାଛ
ଖାଳେଇ ଭରିଣ ଧରେ ସେ କେଉଟ
ବିକେ ଟଙ୍କା ସାତ ପାଞ୍ଚ।
ନାହିଁ ସେ ପଖାଳ, ନାହିଁ ମାଛଝୋଳ
ସବୁ ହେଲା ଇଟାଭାଟି
ନାହିଁ ଚାଳ ଘର, ନାହିଁ ସ୍ନେହାଦର
ଗାଆଁ ସାରା କୋଠା ବାଟି।
ଯେତେ ଅନାବାଦୀ, ଗୋଚର ପଡିଆ
ଫୁଟକିଆ, ଜୋର ଖାଲ
ସବୁଯାକ ଖାଲି ହୋଇଛି କଂକ୍ରିଟି
ନଦୀ ବନ୍ଧ, ନଦୀ ପୋଲ

**ରଞ୍ଜନ କୁମାର ମଲ୍ଲିକ**
ନିମାପଡ଼ା, ପୁରୀ

ଜାତୀୟ ଚେତନା
JATIYA CHETANA



# ଅମର କଳାକାର ଓ ସେମାନଙ୍କ ଅବିସ୍ମରଣୀୟ ଅଭିନୟ



ଭାରତୀୟ ଦୂରଦର୍ଶନ ଇତିହାସରେ ରାମାନନ୍ଦ ସାଗରଙ୍କ 'ରାମାୟଣ' ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଦୀର୍ଘ ତିନି ଦଶନ୍ଧି ବିତିଯାଇଥିଲେ ବି ଏହି କାଳଜୟୀ ଧାରାବାହିକର ଆଦୃତି ଆଜି ବି ଦର୍ଶକଙ୍କ ମନରେ ସେହିପରି ଅକ୍ଷୁଣ୍ଣ ରହିଛି। ଭଗବାନ ରାମଚନ୍ଦ୍ରଙ୍କ କାହାଣୀକୁ ନେଇ ଅନେକ ଚଳଚ୍ଚିତ୍ର ଓ ଧାରାବାହିକ ନିର୍ମାଣ ହୋଇଛି, କିନ୍ତୁ ଏହି ଶୋ'ର ପ୍ରତ୍ୟେକଟି ଚରିତ୍ର ଦର୍ଶକଙ୍କ ନିକଟରେ ଜୀବନ୍ତ ହୋଇ ରହିଛନ୍ତି। ତେବେ ସମୟର ଆହ୍ୱାନରେ ଏହି ଧାରାବାହିକକୁ ଆପଣାର ଶ୍ରେଷ୍ଠ ଅଭିନୟ ଦ୍ୱାରା ଅମର କରିଥିବା ଅନେକ ମହାନ କଳାକାର ଆଜି ଆମ ଗହଣରେ ନାହାନ୍ତି।

କୁଟିଳ ମନ୍ଥରା ଭୂମିକାରେ ନିଜର ଜୀବନ୍ତ ଅଭିନୟ ଦ୍ୱାରା ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ ଲଳିତା ପାୱାର, ଯାହାଙ୍କର ୧୯୮୮ ମସିହା ଫେବ୍ରୁଆରି ୨୪ ରେ ପରଲୋକ ଘଟିଥିଲା। ଭ୍ରାତୃପ୍ରେମର ପ୍ରତୀକ ଭରତ ଚରିତ୍ରରେ ଅଭିନୟ କରିଥିବା ସଞ୍ଜୟ ଯୋଗ ୧୯୯୫ ମସିହାରେ ମାତ୍ର ୪୦ ବର୍ଷ ବୟସରେ ଆମକୁ ଛାଡ଼ି ଚାଲିଯାଇଥିଲେ। ସେହିପରି ମେଘନାଦ ଚରିତ୍ରକୁ ନିଜ ଦମଦାର ଅଭିନୟରେ ଜୀବନ୍ତ କରିଥିବା ବିଜୟ ଅରୋରା ୨୦୦୭ ମସିହା ଫେବ୍ରୁଆରି ୨ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମହାବୀର ହନୁମାନଙ୍କ ଚରିତ୍ରରେ ଅଭିନୟ କରି ଘରେ ଘରେ ପୂଜିତ ହୋଇଥିବା ଦାରା ସିଂହ ୨୦୧୨ ମସିହା ଜୁଲାଇ ୧୨ ରେ ଏହି ସଂସାରରୁ ବିଦାୟ ନେଇଥିଲେ। ଗାମ୍ଭୀର୍ଯ୍ୟପୂର୍ଣ୍ଣ କଣ୍ଠସ୍ୱର ଓ ବ୍ୟକ୍ତିତ୍ୱ ଦ୍ୱାରା ରାବଣ ଚରିତ୍ରକୁ ଅଭୁଲା କରିଥିବା ଅରବିନ୍ଦ ତ୍ରିବେଦୀ ୨୦୨୧ ଅକ୍ଟୋବରରେ ପ୍ରାଣ ତ୍ୟାଗ କରିଥିବା ବେଳେ, ବିଭୀଷଣ ଭୂମିକାରେ ନଜର ଆସିଥିବା ମୁକେଶ ରାୱଲ ୨୦୧୬ ନଭେମ୍ବର ୧୫ ରେ ଆମ ଗହଣରୁ ଚାଲିଯାଇଥିଲେ। ଏହାସହ ସୁଗ୍ରୀବ ଭୂମିକା ନିଭାଇଥିବା ଶ୍ୟାମ ସୁନ୍ଦର କଲାନୀ ୨୦୨୦ ଏପ୍ରିଲ ମାସରେ ଦେହାନ୍ତ ହୋଇଥିଲେ। କୁମ୍ଭକର୍ଣ୍ଣ ଅଭିନେତା ନଳିନ ଦବେ, ରାଜା ଜନକଙ୍କ ଭୂମିକାରେ ଥିବା ମୂଳକରାଜ ରାଜଦା ଏବଂ ମାତା କୌଶଲ୍ୟା ଚରିତ୍ରରେ ଅଭିନୟ କରିଥିବା ଜୟଶ୍ରୀ ଗଡକର ମଧ୍ୟ ଆଜି ସ୍ମୃତି ହୋଇସାରିଛନ୍ତି। ଏହି ମହାନ କଳାକାରମାନେ ଆଜି ଶାରୀରିକ ଭାବେ ଆମ ସହ ନଥିଲେ ବି, ନିଜର ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ହୃଦୟରେ ସଦାସର୍ବଦା ଜୀବନ୍ତ ରହିବେ।

# ପରଦାକୁ ଆସୁଛି ବଲିଉଡ୍‌ର ସୁନ୍ଦରୀ ମଧୁବାଲାଙ୍କ ସ୍ୱପ୍ନିଲ ଜୀବନୀ



ହିନ୍ଦୀ ସିନେ ଜଗତର କାଳଜୟୀ ଅଭିନେତ୍ରୀ ମଧୁବାଲାଙ୍କ ଜୀବନୀକୁ ନେଇ ନିର୍ମାଣ ହେବାକୁ ଯାଉଛି ଏକ ବହୁପ୍ରତୀକ୍ଷିତ ବାୟୋପିକ୍। ସେପ୍ଟେମ୍ବର ମାସରୁ ଏହି ଚଳଚ୍ଚିତ୍ରର ନିର୍ମାଣ କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହେବାକୁ ଯାଉଛି। ବଲିଉଡର ପ୍ରସିଦ୍ଧ ନିର୍ମାତା-ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭନସାଲୀ ଏହାର ପ୍ରଯୋଜନା ଦାୟିତ୍ୱ ଗ୍ରହଣ କରିଛନ୍ତି। ସଂପ୍ରତି ସେ ତାଙ୍କର ନୂତନ ସିନେମା 'ଲଭ୍ ଆଣ୍ଡ୍ ୱାର'ର ସୁଟିଂ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି, ଯେଉଁଥିରେ ରଣବୀର କପୁର, ଆଲିଆ ଭଟ୍ଟ ଏବଂ ଭିକି କୌଶଳ ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି। ଗୋରେଗାଓଁର ରୟାଲ ପାମ୍ସରେ ଚାଲିଥିବା ଏହି ସିନେମାର ଶେଷ ପର୍ଯ୍ୟାୟ ସୁଟିଂ ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବା ପରେ ଭନସାଲୀ ମଧୁବାଲାଙ୍କ ଆଲେଖ୍ୟକୁ ନେଇ କାମ ଆରମ୍ଭ କରିବେ।

ଏହି ସିନେମାର ଶିରୋନାମା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନଥିଲେ ବି ଏହାର ନିର୍ଦ୍ଦେଶନା ଭାର ପ୍ରସିଦ୍ଧ ଚଳଚ୍ଚିତ୍ର 'ଡାର୍ଲିଙ୍ଗସ୍'ର ନିର୍ଦ୍ଦେଶିକା ଜସମିତ କେ ରୀନଙ୍କ ହାତରେ ନ୍ୟସ୍ତ କରାଯାଇଛି। ପୂର୍ବରୁ କିଛି ଆର୍ଥିକ ଅସୁବିଧା ଯୋଗୁଁ ଏହି ପ୍ରକଳ୍ପଟି ଅଟକି ରହିଥିଲା, ମାତ୍ର ଭନସାଲୀ ପ୍ରଯୋଜକ ଭାବେ ଯୋଗ ଦେବା ପରେ ଏହା ପୁନର୍ବାର ଗତିଶୀଳ ହୋଇପାରିଛି। ସବୁଠାରୁ ଆକର୍ଷଣୀୟ କଥା ହେଉଛି, ମଧୁବାଲାଙ୍କ ଭଳି ଏକ ଚର୍ଚ୍ଚିତ ଓ କାଳଜୟୀ ଚରିତ୍ରରେ ଅଭିନେତ୍ରୀ ସାରା ଅର୍ଜୁନଙ୍କୁ ଦେଖିବାକୁ ମିଳିବ। ସାରା ଆଗରୁ 'ଧୁରନ୍ଧର' ଚଳଚ୍ଚିତ୍ର ସିରିଜ୍‌ରେ ୟାଲିନା ଜମାଲି ଭୂମିକାରେ ଅଭିନୟ କରି ରଣବୀର ସିଂହଙ୍କ ଚରିତ୍ର ବିପରୀତରେ ନିଜର ଆକର୍ଷଣୀୟ ଅଭିନୟ ପାଇଁ ବ୍ୟାପକ ସୁଖ୍ୟାତି ହାସଲ କରିସାରିଛନ୍ତି। ନିଜର ଏହି ନୂତନ ତଥା ଚ୍ୟାଲେଞ୍ଜିଂ ଭୂମିକା ପାଇଁ ସାରା ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଛନ୍ତି। ନିର୍ଦ୍ଦେଶିକା ଜସମିତଙ୍କ ସହ ମିଶି ସେ ମଧୁବାଲାଙ୍କ ବ୍ୟକ୍ତିତ୍ୱ, ସାଧାରଣ ଆଚରଣ, କଥାବାର୍ତ୍ତା ଏବଂ ସେହି ସମୟର ପରିବେଶକୁ ପରଦା ।ରେ ଅବିକଳ ପ୍ରଦର୍ଶିତ କରିବାକୁ ପ୍ରଚେଷ୍ଟା ଚଳାଇଛନ୍ତି। ବଲିଉଡର ଏହି ସ୍ୱର୍ଣ୍ଣିମ ସମୟର ସୁନ୍ଦରୀଙ୍କ ପ୍ରକୃତ କାହାଣୀ ପରଦାରେ ଦେଖିବା ପାଇଁ ସିନେପ୍ରେମୀଙ୍କ ମଧ୍ୟରେ ଅନେକ ଉତ୍ସାହ ପ୍ରକାଶ ପାଇଛି।

# ଓଡ଼ିଆ ଡିଜିଟାଲ୍ ଜଗତରେ ନୂଆ ଆଶା ଓ ବାସ୍ତବତାର ଝଲକ

ଓଡ଼ିଆ ଡିଜିଟାଲ ମନୋରଞ୍ଜନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଓଡ଼ିଶାର ପ୍ରଥମ ନିଜସ୍ୱ କ୍ଷୁଦ୍ର ଧାରାବାହିକ 'ଛାୟା' ଆନୁଷ୍ଠାନିକ ଭାବେ ମୁକ୍ତିଲାଭ କରିବା ପୂର୍ବରୁ ଭୁବନେଶ୍ୱରର ଶହୀଦନଗରସ୍ଥିତ ଏକ ଅନୁଷ୍ଠାନ ପରିସରରେ ଏହାର ପ୍ରଥମ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂଆ କାହାଣୀ, ନୂଆ ଚରିତ୍ର ଏବଂ ସାମାଜିକ ବାର୍ତ୍ତାକୁ ନେଇ ପ୍ରସ୍ତୁତ ଏହି ପ୍ରକଳ୍ପଟି ଦର୍ଶକଙ୍କ ହୃଦୟ ଜିଣିବ ବୋଲି ଆଶା କରାଯାଉଛି।

ଏହି କାହାଣୀରେ ପ୍ରେମ, ପ୍ରତାରଣା, ସାମାଜିକ ମୂଲ୍ୟବୋଧ ଏବଂ ରହସ୍ୟର ଏକ ଆକର୍ଷଣୀୟ ମିଶ୍ରଣ ଦେଖିବାକୁ ମିଳିବ। ଶାରୀରିକ ସୌନ୍ଦର୍ଯ୍ୟ କିମ୍ବା ବାହ୍ୟ ରୂପ ନୁହେଁ, ବରଂ ନିଜର ଭଲ କର୍ମ ଦ୍ୱାରା ଜଣେ ବ୍ୟକ୍ତି କିପରି ଅନ୍ୟମାନଙ୍କ ମନ ଜିତିପାରେ, ତାହା ଏଥିରେ ଦର୍ଶାଯାଇଛି। ବର୍ତ୍ତମାନର ସୁନ୍ଦର ଓ ଆକର୍ଷଣୀୟ ଦେଖାଯିବାର ପ୍ରତିଯୋଗିତା ମଧ୍ୟରେ ଜଣେ ମୋଟା ଯୁବକଙ୍କର ହୃଦୟସ୍ପର୍ଶୀ ପ୍ରେମ କାହାଣୀକୁ ଏଥିରେ ସ୍ଥାନ ଦିଆଯାଇଛି। ଏହା ସହିତ ମାତ୍ରାଧିକ ଆତ୍ମହତ୍ୟା ଭଳି ସମ୍ବେଦନଶୀଳ ସମସ୍ୟା ପ୍ରତି ସଚେତନତା ସୃଷ୍ଟି କରିବା ସହ ମଣିଷର ଦେଖାଣିଆ ଚେହେରା ଓ ବାସ୍ତବିକତାର ଯଥାର୍ଥତାକୁ ନେଇ ଏହି କାହାଣୀ ଗତିଶୀଳ ହୋଇଛି।

ଧାରାବାହିକର ମୁଖ୍ୟ ଭୂମିକାରେ କଳ୍ପନା ଓ ସାଗର ନଜର ଆସୁଥିବା ବେଳେ ଶୁଭଶ୍ରୀ, ସତ୍ୟ, ଚନ୍ଦୁ, ରମଣ ଏବଂ ଅଙ୍କିତା ପ୍ରମୁଖ ଅନ୍ୟାନ୍ୟ ଚରିତ୍ରରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି। ରମଣ କୁମାର ସେଠୀଙ୍କ ପ୍ରଯୋଜନାରେ ନିର୍ମିତ ଏହି ପ୍ରକଳ୍ପର ନିର୍ଦ୍ଦେଶନା ଭାର ଡେଭିଡ୍ ବାସୁ ତୁଲାଇଛନ୍ତି। କାହାଣୀ ରଚନା କରିଛନ୍ତି ଜେ.ଏସ୍. ଓମ୍‌କାର। କ୍ୟାମେରା ଓ ରଙ୍ଗ ବିନ୍ୟାସ କାର୍ଯ୍ୟ ସୁଧାଂଶୁ ମହନ୍ତ କରିଥିବା ବେଳେ ସମ୍ପାଦନା ଦାୟିତ୍ୱ ଡେଭିଡ୍ ବାସୁ ଓ ସୁଧାଂଶୁ ମହନ୍ତ ମିଳିତ ଭାବେ ବହନ କରିଛନ୍ତି। ପୃଷ୍ଠଭୂମି ସଙ୍ଗୀତ ଓ ମିଶ୍ରଣ ଆୟୁଷ୍ମାନ ଦାସ ପ୍ରସ୍ତୁତ କରିଛନ୍ତି। ଏହି କ୍ଷୁଦ୍ର ଧାରାବାହିକରେ ଦୁଇଟି ମନଛୁଆଁ ଗୀତ ରହିଛି, ଯାହା ମଧ୍ୟରୁ ଗୋଟିଏ ପ୍ରେମାସ୍ପଦ ଗୀତ ଓ ଅନ୍ୟଟି ମୁଖ୍ୟ ବିଷୟବସ୍ତୁ ଉପରେ ଆଧାରିତ। ନିଜସ୍ୱ ୟୁଟ୍ୟୁବ୍ ଚ୍ୟାନେଲ୍ 'ଏଲ୍.ଭି. ଫିଲ୍ମସ'ରେ ଏହାର ପ୍ରଥମ ଅଧ୍ୟାୟ ଉପଲବ୍ଧ ହେବାକୁ ଯାଉଛି ଏବଂ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଅଧ୍ୟାୟଗୁଡ଼ିକ ପ୍ରସାରିତ ହେବ। ଏହି ଭିନ୍ନ ସ୍ୱାଦର ଓଡ଼ିଆ କାହାଣୀ ଦର୍ଶକଙ୍କ ମନରେ କେତେ ପ୍ରଭାବ ପକାଉଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ